**ଜିଲା ବଜରଙ୍ଗ ଅଟୋ ୟୁନିୟନର ବୈଠକ**

ମାଲକାନଗିରି, (ଡି.ଏନ୍.ଏ.) -ମାଲକାନଗିରି ଜିଲା ବଜରଙ୍ଗ ଅଟୋ ୟୁନିୟନ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଦର ମହକୁମା ମଲ୍ଲିକେଶ୍ୱର ମନ୍ଦିର ନିକଟରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସଭାପତି ମିଲୁ ପଟ୍ଟନାୟକ, ସମ୍ପାଦକ ଛବି ଦାସ, ସମାଜିକର୍ମୀ ଜି. ଶ୍ରୀନିବାସ ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସଂଘରେ କିଛି ସଦସ୍ୟ ସଂଘ ପରିଚାଳନାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନଙ୍କ ଅଭିଯୋଗ ଗୁଡିକର ସମାଧାନ ସହ ସଂଘର ସମସ୍ତ ତଥ୍ୟ ଆସନ୍ତା ଜାନୁଆରୀ ସୁଦ୍ଧା ପ୍ରଦାନ, ସମସ୍ତ ସମସ୍ୟାର ସମାଧାନ ପାଇଁ ସଭାପତି ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ସମାଜିକ କର୍ମୀ ରାଓ ପରାମର୍ଶ ଦେଇଥିଲେ।

# ଏକାଠି ହୋଇ ବିରୋଧୀଙ୍କୁ ମାତଦେଲେ ସୁଧୀର-ଭାସ୍କର

ରାୟଗଡ଼ା ଅଫିସ,୩୦।୧୦



ରାୟଗଡ଼ା ଜିସିଡି ହାଇସ୍କୁଲଠାରେ ପରିଷଦର ଜଣେ ସଦସ୍ୟ ମତଦାନ କରୁଛନ୍ତି।

ରାୟଗଡ଼ା ଜିଲାରେ ସମବାୟ ନିର୍ବାଚନରେ ବିଜେଡି ବାଜି ମାରିଛି। ଜିଲାରେ ରହିଥିବା ୩ ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ମଧ୍ୟରୁ ବିଷମକଟକରେ ଜଗନ୍ନାଥ ନୁଣ୍ଡ୍ରୁକା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରବିବାର ସ୍ଥାନୀୟ ଜିସିଡି ହାଇସ୍କୁଲଠାରେ ଜିଲାର ଗୁଣପୁର ଏବଂ ରାୟଗଡ଼ା ସମବାୟ ପରିଷଦ ସଦସ୍ୟ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା। ରାୟଗଡ଼ା ମଣ୍ଡଳୀରେ ବାନାଗାଡ଼ି ତ୍ରିପତି ରାଓ ସର୍ବାଧିକ ୫୧ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୋଟେଶ୍ୱର ରାଓ ୧୯ ଖଣ୍ଡ ଭୋଟ ପାଇଛନ୍ତି। ରାୟଗଡ଼ା ମଣ୍ଡଳୀରେ ମୋଟ ୭୧ ଭୋଟରଙ୍କ ମଧ୍ୟରୁ ୭୦ ଜଣ ମତଦାନ କରିଥିବା ଜଣାପଡ଼ିଛି।

ସେହିଭଳି ଗୁଣପୁର ନିର୍ବାଚନ ମଣ୍ଡଳୀରେ ବିଜେଡିର ବୃନ୍ଦାବନ ଶବର ୪୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମଧୁସୂଦନ ଶବର ୨୩ ଖଣ୍ଡ ଭୋଟ ପାଇଛନ୍ତି। ୪ଟାରେ ଭୋଟ ଗଣତି ପରେ ସହକାରୀ ନିବନ୍ଧକ ତଥା ନିର୍ବାଚନ ଅଧିକାରୀ ଦୀପକ ବାରା ଫଳାଫଳ ଘୋଷଣା କରିଥିଲେ। ଏଥିରେ ବିଜେଡିର ବିଜୟ ହୋଇଥିବା ଜଣାପଡ଼ିଛି। ଦଳର ବିଜୟ ପରେ ରାୟଗଡ଼ା ବିଜେଡିର ଚାଣକ୍ୟ କୁହାଯାଉଥିବା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଏବଂ ଜିଲା ବିଜେଡି ସଭାପତି ସୁଧୀର ଦାସ ପୁଣି ଜିଲାରେ ପତିଆରା ଜାହିର କରିଛନ୍ତି। ସୂଚନାଯୋଗ୍ୟ, ରାୟଗଡ଼ା ଜିଲାରେ ପରସ୍ପରର ବିରୋଧୀ ଭାବେ ଚର୍ଚ୍ଚାରେ ରହିଥିବା ଦୁଇ ପୁରୁଖା ବିଜେଡି ନେତା ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ହାତ ମିଶାଇବା ପରେ ସମବାୟ ନିର୍ବାଚନରେ ଗୁଣପୁରରେ ସୁଧୀର ଦାସ ନିଜ ଅସ୍ତିତ୍ୱକୁ ପୁନଃ ଜାହିର କରିଥିବା ବେଳେ ରାୟଗଡ଼ାରେ ବରିଷ୍ଠ ନେତା ଭାସ୍କର ରାଓ ନିଜର ବଳିଷ୍ଠତାର ପ୍ରମାଣ ଦେଇଛନ୍ତି। ଉଭୟ ନେତାଙ୍କ ଏକଜୁଟ ହେବା ଆଗାମୀ ସାଧାରଣ ନିର୍ବାଚନରେ ଦୁଇ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଏବଂ ଭାଜପା ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

**ରାୟଗଡ଼ା ଜିଲାରେ ସମବାୟ ସମିତି ନିର୍ବାଚନରେ ବିଜେଡିର ବିଜୟ**

## ସଂକ୍ଷେପରେ

### ସାଇପ୍ରିୟା ୱାକର୍ସ କ୍ଲବ ପକ୍ଷରୁ ୫୦ ୟୁନିଟ୍ ରକ୍ତ ସଂଗ୍ରହ



ରାୟଗଡ଼ା ଅଫିସ,୩୦।୧୦- ସାଇପ୍ରିୟା ନଗର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ସାଇପ୍ରିୟା ୱାକର୍ସ କ୍ଲବ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦର ଅଧ୍ୟକ୍ଷ ମହେଶ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସିଆର୍‌ପିଏଫ୍ ଡିଆଇଜି ବିଜୟ ଶାହା ଉପସ୍ଥିତ ଥିଲେ। ସିଆର୍‌ପିଏଫ୍ ଡିଆଇଜିଙ୍କ ସମେତ ଯବାନ ଓ ସାଇପ୍ରିୟା ୱାକର୍ସ କ୍ଲବର ସଦସ୍ୟମାନେ ରକ୍ତଦାନ କରିଥିଲେ। ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ଅଞ୍ଚଳବାସୀଙ୍କ ମଧୁମେହ, ରକ୍ତଚାପ ପରୀକ୍ଷା ସହ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରକୁ ଡା. ମହମ୍ମଦ ମଜିଦ୍, ଡା. ସାଗରିକା ଜେନା, ଡା. ସୁରେଶ କୁମାର, ଡା. ଭି.ଏଲ୍.ଏନ୍. ରାଜୁ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସାଇପ୍ରିୟା କ୍ଲବର ସଭାପତି ସୁବାସ ବେହେରା, ସମ୍ପାଦକ ସନ୍ନ୍ୟାସୀ ପାଣିଗ୍ରାହୀ, କୋଷାଧ୍ୟକ୍ଷ କେ. ଧର୍ମାରାଜୁ ଉପସ୍ଥିତ ଥିବାବେଳେ ମହିଳା ୱାକର୍ସ କ୍ଲବର ସଭାପତି ପି. ରମାଦେବୀ, ସମ୍ପାଦକ କେ. ଅରୁଣା, କେ. ଅଶ୍ୱିନୀ ଉପସ୍ଥିତ ରହି ଶିବିର ସହଯୋଗ କରିଥିଲେ।

### ସରକାରଙ୍କ ପାଖରେ ୬ ଦାବି ଉପସ୍ଥାପନ କରିବ ଏସ୍‌ୟୁଜେ

ରାୟଗଡ଼ା ଅଫିସ,୩୦।୧୦- ରାୟଗଡ଼ା ସହର ଗାୟତ୍ରୀ ନଗର ସ୍ଥିତ ବରିଷ୍ଠ ନାଗରିକ କଲ୍ୟାଣ ସଂଘ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏସ୍‌ୟୁଜେ ରାୟଗଡ଼ା ଜିଲା ଶାଖାର ଏକ ସାଧାରଣ ପରିଷଦ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ୟୁଜେର ରାଜ୍ୟ



ସଭାପତି କୈଳାସ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶରେ ରାୟଗଡ଼ା ଜିଲା ଶାଖା ସଂଘର ସଭାପତି ଶିବ ନାରାୟଣ ଗୌଡ଼ଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏସ୍‌ୟୁଜେର ରାଜ୍ୟ କାର୍ଯ୍ୟକାରୀ ସଭାପତି କିର୍ତ୍ତି ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏସ୍‌ୟୁଜେ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ୬ ପ୍ରମୁଖ ଦାବି ଉପସ୍ଥାପନା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ୨ ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି ସହ ନିୟମ କୋହଳ କରି ଅନ୍ୟ ଜଟିଳ ଚିକିତ୍ସା ଖର୍ଚ୍ଚକୁ ବୀମା ପରିସରଭୁକ୍ତ କରିବା, ବୀମାଭୁକ୍ତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସର୍ବନିମ୍ନ ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ, ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଖବରଦାତାଙ୍କୁ ଜୀବନବ୍ୟାପି ପେନସନ ଯୋଗାଇବା, ସରକାରୀ ଅଧିସ୍ୱୀକୃତି ପ୍ରଦାନ, ଭୁବନେଶ୍ୱରକୁ ଯାଉଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱଳ୍ପ ରହଣୀ ନିମନ୍ତେ ସାମ୍ବାଦିକ ଭବନ ନିର୍ମାଣ, ଗୃହ ନିର୍ମାଣ ଓ ଗାଡ଼ି କିଣିବା ସମୟରେ ବ୍ୟାଙ୍କରୁ ଋଣ ପ୍ରଦାନ ନିମନ୍ତେ ସରକାର କରିଥିବା ଘୋଷଣା କାର୍ଯ୍ୟକାରୀ କରିବା ଭଳି ୬ ଦାବି ରହିଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଧାୟକଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ ନିମନ୍ତେ ନିଷ୍ପତ୍ତି ହୋଇଛି।

### ହାତୀ ନଷ୍ଟକଲା ଫସଲ



ଗୁଣପୁର,୨୯।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ ବଣୁଆ ହାତୀଙ୍କ ଉପଦ୍ରବ ବନ୍ଦ ହେଉନି। ବର୍ଷେ ହେଲା ଗୁଣପୁର ବନାଞ୍ଚଳରେ ୬ ଟିକିଆ ହାତୀପଲର ଉପଦ୍ରବ ଦେଖିବାକୁ ମିଳୁଛି। ଶନିବାର ଲିମାମେଡା ଗ୍ରାମ ନିକଟରେ ହାତୀପଲ ଲବ ଶବରଙ୍କ ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏଠାରେ ହାତୀଙ୍କ ପଦଚିହ୍ନ ଓ ମଳ ଦେଖି ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏବେ ସୌରା ପ୍ରଧାନୀଗୁଡ଼ା ଅଞ୍ଚଳରେ ହାତୀ ରହିଥିବା ବେଳେ ବନବିଭାଗ ପକ୍ଷରୁ ଘଉଡ଼ାଇବା ପ୍ରକ୍ରିୟା ଜାରି ରହିଛି।

### ବିଶ୍ୱ ମିତବ୍ୟୟିତା ଦିବସରେ ସଞ୍ଚୟ ରଥର ଶୁଭାରମ୍ଭ

କୋରାପୁଟ,୩୦।୧୦(ସ୍ୱ.ପ୍ର.)- କୋରାପୁଟଠାରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ରବିବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ସ୍ୱଳ୍ପ ସଞ୍ଚୟର ରଥର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ରାମେଶ୍ୱର ପ୍ରଧାନ ସବୁଜ ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ଦଶମନ୍ତପୁର ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ଅର୍ଥ ସଞ୍ଚୟ ନେଇ ସଚେତନ କରିଛି। ଆଗାମୀ ଦିନରେ ଏହି ରଥ ଜିଲାର ସମସ୍ତ ୧୪ଟିଯାକ ବ୍ଲକ ପରିକ୍ରମା କରି ଲୋକଙ୍କୁ ଅର୍ଥ ସଞ୍ଚୟ ନେଇ ସଚେତନ କରିବ ବୋଲି ପ୍ରଧାନ କହିଛନ୍ତି।

## ମିତବ୍ୟୟିତା ଦିବସରେ ଗଡ଼ିଲା ସଞ୍ଚୟ ରଥ




ରାୟଗଡ଼ା ଅଫିସ,୩୦।୧୦

ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମିତବ୍ୟୟିତା ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ରାୟଗଡ଼ା ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ଅର୍ଥନୈତିକ ବିକାଶରେ ସ୍ୱଳ୍ପ ସଞ୍ଚୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜନସାଧାରଣ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସେମାନଙ୍କ କଷ୍ଟଲବ୍ଧ ସମ୍ବଳକୁ ବିନିଯୋଗ କରି ଦେଶର ପ୍ରଗତିରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଦିବସ ପାଳନ ଉପଲକ୍ଷେ ସଞ୍ଚୟ ସଚେତନତା ରଥ ମଧ ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାୟଗଡ଼ା ଜିଲା ସ୍ୱଳ୍ପ ସଞ୍ଚୟ ଏବଂ ଆର୍ଥିକ ଅର୍ନ୍ତଭୁକ୍ତିକରଣ ଅଧିକାରୀ ଧ୍ରୁବ କୁମାର ନାୟକ, ରାୟଗଡ଼ା ଡାକ ଡିଭିଜନର ଅଧୀକ୍ଷକ ଭବାନୀ ପ୍ରସାଦ ପାଢ଼ୀ, ଡିଆଇପିଆରଓ ବସନ୍ତ କୁମାର ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସହାୟକ ଜିଲାପାଳ ପୁଷ୍ପାଞ୍ଜଳି ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଶେଖ ଅଲିନୁର, ରାୟଗଡା ଉପଖଣ୍ଡ ଡାକ ନିରୀକ୍ଷକ ଏଲ.କେ.ସାଣ୍ଡ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଥଲ ନିଳୋତ୍ପଳ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୩.୨ କେ.ଜି. ଗଞ୍ଜେଇ ଜବତ, ୨ ଗରଫ

ଟିକିରି,୩୦।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଟିକିରି ପୋଲିସ ପାଟ୍ରୋଲିଂବେଳେ ରବିବାର ଭୋର ୪ଟା ବେଳେ ସୋରିଷପଦର ଛକ ନିକଟରୁ ଏକ ବାଇକ୍‌ରୁ ୨୩.୨ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୨ ସମ୍ପୃକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦୋରାଗୁଡ଼ା ଥାନା ଅଧୀନ ଟିକରପଡ଼ା ଗ୍ରାମର ପରମେଶ୍ୱର ନାଏକ ଏବଂ କୋରାପୁଟ ଜିଲା ଦଶମନ୍ତପୁର ଥାନା ଅଧୀନ ମୁର୍କାର ଗ୍ରାମର ସହଦେବ ସୁବୁଦ୍ଧି। ସେମାନଙ୍କ ନିକଟରୁ ଗୋଟିଏ ବାଇକ୍, ୨ ମୋବାଇଲ ଏବଂ ୪ଶହ ଟଙ୍କା ଜବତ କରାଯାଇଛି। ସୂଚନା ଅନୁଯାୟୀ, ଟିକିରି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ରାତ୍ରୀ ପାଟ୍ରୋଲିଂ କରୁଥିଲେ। ଭୋର୍ ସମୟରେ ଯାନବାହନ ଯାଞ୍ଚବେଳେ ଏକ ବାଇକ୍(ଓଡି ୧୦ ଏ ୦୨୩୬)ରେ ଗଞ୍ଜେଇ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ଗାଡ଼ିରୁ ୨୩ କେଜି ୨୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହାର ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଟିକିରି ଥାନା ଅଧିକାରୀ କହିଛନ୍ତି। ଏ ନେଇ ୧୪୧/୨୨ ରେ ଏକ ମାମଲା ରୁଜୁ କରାଯାଇଛି।

## ସରକାରଙ୍କ ଅବହେଳା ବିରୋଧରେ ଗର୍ଜିଲେ ଆଶାକର୍ମୀ

ମୁନିଗୁଡ଼ା,୩୦।୧୦(ଡି.ଏନ୍.ଏ.)



ବୈଠକରେ ଆଶାକର୍ମୀ ସଂଘ ରାଜ୍ୟ ସମ୍ପାଦିକା ନିମିତା ସାହୁ ଓ ଅନ୍ୟମାନେ।

ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ମୁନିଗୁଡ଼ା ବ୍ଲକ ଶାଖାର ଏକ ବୈଠକ ରବିବାର ଲଟାଗୁଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସମ୍ପାଦିକା ନମିତା ସାହୁ ସମ୍ମିଳନୀର ଉଦ୍‌ଘାଟନ କରିଥିଲେ। କରୋନା ମହାମାରୀ ସମୟରେ ନିଜ ଜୀବନକୁ ବିପନ୍ନ କରି ଆଶାକର୍ମୀ ମାନେ ଲୋକଙ୍କ ଜୀବନ ରକ୍ଷା କରିଥିବାବେଳେ ସରକାର ଶ୍ରେୟ ନେଇ ଆଶାକର୍ମୀଙ୍କୁ ସର୍ବନିମ୍ନ ମଜୁରୀ ନ ଦେଇ କାମ କରାଇଥିଲେ ବୋଲି ଅଭିଯୋଗ କରିଛନ୍ତି। ଏମିତିକି ଗର୍ଭବତୀଙ୍କ ସୁରକ୍ଷିତ ପ୍ରସବର ପ୍ରାପ୍ୟ ଅଧିକାରୀମାନେ ଆତ୍ମସାତ କରୁଥିବା ସେ କହିଛନ୍ତି। ଏହା ବିରୋଧରେ ଏକମାତ୍ର ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ କରି ଅଳ୍ପ ଭତ୍ତା ହାସଲ କରିଥିବାବେଳେ ଆଇଏଲସି ସୁପାରିଶ ମତେ କର୍ମୀ ମାନ୍ୟତା ପ୍ରଦାନ, ମାସିକ ସର୍ବନିମ୍ନ ୨୬ହଜାର ଟଙ୍କା ଭତ୍ତା ଆଦି ଦାବି ନେଇ ଆଗାମୀ ଦିନରେ ଲଢ଼େଇ ତୀବ୍ର କରିବାକୁ ଆହ୍ୱାନ କରିଥିଲେ। ଶିବାନୀ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସାମାଜିକ କର୍ମୀ ଗୌରାଙ୍ଗ ରାଉତ, ଏଆଇଟିୟୁସି ଜିଲା ଆବାହକ ବଳରାମ କୁଶୁଲିଆ, ଓଡ଼ିଶା ଫରେଷ୍ଟଉଡ୍ ଏଗ୍ରିକଲଚର ଆଣ୍ଡ ବିଲ୍ଡିଂ କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନର ମକର ଲିମା, ସୋମନାଥ ସିଚୁଆନଙ୍କ ସମେତ ବ୍ଲକର ବିଭିନ୍ନ ସିଏଚ୍‌ସି ଓ ପିଏଚ୍‌ସି ସ୍ତରର ଆଶାକର୍ମୀ ନିଜ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସମ୍ମିଳନୀରେ ବ୍ଲକ ସଭାପତି ନିରୁପମା ହେରା, ସମ୍ପାଦକ ଶିବାନୀ ଦୁର୍ଗା, ଉପସଭାପତି ବନୀତା ବେଣିଆ, ଉପ ସମ୍ପାଦକ ଦେବକୀ ଚିଚୁଆନ, କୋଷାଧ୍ୟକ୍ଷ କୌଶଲ୍ୟା ମାଝି, ଉପଦେଷ୍ଟା ରତ୍ନାଲୁ କାଡ୍ରାକା ନିର୍ବାଚିତ ହୋଇଛନ୍ତି।

## ବିଭିନ୍ନ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

ରାଇଘର,୩୦।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଫିସରେ ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ସାମାଜିକ ସହାୟତା ଯୋଜନା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଯୋଜନା ଓ ମମତା ଯୋଜନାର ପଞ୍ଚଦଶ ଅର୍ଥ କମିଶନରେ ଛଅ ମାସ ପୂର୍ବରୁ ୨୬ଟି ପଞ୍ଚାୟତରେ ହୋଇଥିବା ସାମାଜିକ ସମୀକ୍ଷା କରାଯାଇଥିଲା। ସେହି ସମୟରେ ଯେଉଁ ବିଭାଗୀୟ ଅବହେଳା ଆସିଥିଲା, ତାହାକୁ ଚଳିତ ବୈଠକରେ ଉପସ୍ଥାପନା କରାଯାଇଥିଲା। ଆଗାମୀ ଦିନରେ ଏହି ଅବହେଳାର ପୁନରାବୃତ୍ତି ନ କରିବାକୁ ବୈଠକରେ ସଚେତନ କରାଯାଇଥିଲା। ବୈଠକରେ ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ରାଇଘର ବିଡିଓ ଦେବାଶିଷ କର, ଏବିଡିଓ ବିଜୟ କୁମାର ସେଠୀ, ଜିଲା ସାମାଜିକ ସମୀକ୍ଷକ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସାଧନ କର୍ମୀ, ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ବିଭାଗୀୟ ବନଖଣ୍ଡ ଅଧିକାରୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ, ବ୍ଲକ କନିଷ୍ଠ ଯନ୍ତ୍ରୀ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍, ସମସ୍ତ ଗାଁ ସାଥୀ, ସମସ୍ତ ଅଙ୍ଗନୱାଡି କର୍ମୀ ଓ ଖବରଦାତା ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com


@ ପୀତାମ୍ବର


@ ସତ୍ୟ


@ତାପସ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୌରାଞ୍ଚଳରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ


ଜିଲାପାଳ ଅଞ୍ଚଳବାସୀଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼ା ଅଫିସ,୨୯।୧୦

ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ ଶନିବାର ସଦର ବ୍ଲକ ଅଣ୍ଡାରିଗୁଡ଼ା ଗ୍ରାମ ଢେପସାହିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ। ପରିଦର୍ଶନ ବେଳେ ଜିଲାପାଳଙ୍କ ସହ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ୟାଶିର୍ ବିଲାଲ ଅହମ୍ମଦ, କାଉନସିଲର ଅଶ୍ୱିନୀ ଖୋସଲା, ପୌର କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲାପାଳ ବିଶେଷ ଭାବେ ଜାଗା ମିଶନରେ ହିତାଧିକାରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିଥିବା ନେଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ଅଣ୍ଡାରିଗୁଡ଼ା ଗ୍ରାମଦେଇ ନିର୍ଗତ ହେଉଥିବା ରାୟଗଡ଼ା ସହରର ନିଷ୍କାସିତ ଜଳ ଯୋଗୁ ମାଟି ଅତଡ଼ା ଖସୁଥିବାରୁ ସେଠାରେ ଏକ ଗାର୍ଡୱାଲ ନିର୍ମାଣ କରିବା ନିମନ୍ତେ ଜିଲାପାଳ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ପୌରାଞ୍ଚଳର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ।

## ହତ୍ୟା ଉଦ୍ୟମ ଅଭିଯୋଗରେ ସ୍ୱାମୀ, ଦେଢ଼ଶୁର ଗିରଫ

ପଦ୍ମପୁର,୩୦।୧୦(ଡି.ଏନ୍.ଏ.)



**ମହିଳାଙ୍କୁ ଘରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର ଘଟଣା**

ରାୟଗଡ଼ା ଜିଲା ପଦ୍ମପୁର ସହର ଗିରିଧାରୀ ସାହିର ରାମଚନ୍ଦ୍ର ପାଢ଼ୀଙ୍କ ସ୍ତ୍ରୀ ରଶ୍ମିତାଙ୍କୁ ଘରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଶୁକ୍ରବାର ଉଦ୍ଧାର କରାଯାଇଥିଲା। ସ୍ୱାମୀ ଏବଂ ଦେଢ଼ଶୁର ଦେହରେ କିରୋସିନ ଢାଳି ହତ୍ୟା ଉଦ୍ୟମ କରିଥିବା ରଶ୍ମିତାଙ୍କ ବାପା ରାମେଶ୍ୱର ପାଣିଗ୍ରାହୀ ଏବଂ ମା' ଥାନାରେ ଅଭିଯୋଗ କରିଥିଲେ। ଏହି ଆଧାରରେ ପଦ୍ମପୁର ଥାନା ପୋଲିସ ତଦନ୍ତ ଚଳାଇଥିବାବେଳେ ରବିବାର ସ୍ୱାମୀ ରାମଚନ୍ଦ୍ର ଏବଂ ଦେଢ଼ଶୁର ଗିରିଧାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଶୁକ୍ରବାର ରଶ୍ମିତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବାପଘର ଲୋକଙ୍କ ଅଭିଯୋଗକୁ ନେଇ ପୋଲିସ ସ୍ୱାମୀ ଏବଂ ଦେଢ଼ଶୁରଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ଗୁଣପୁର ଏସ୍‌ଡିପିଓ ବିକାଶ ରଞ୍ଜନ ବେଉରା, ପଦ୍ମପୁର ଥାନା ଅଧିକାରୀ ରାଜେଶ ବଳିୟାରସିଂ, ଏସ୍‌ଆଇ ପ୍ରଜ୍ଞା ନାୟକ ରାୟଗଡ଼ାର ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଥିଲେ। ତଦନ୍ତ ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ରଶ୍ମିତାଙ୍କ ଶରୀରର ପ୍ରାୟ ୬୫ ପ୍ରତିଶତ ପୋଡ଼ି ଯାଇଥିବାବେଳେ ତାଙ୍କର ଚିକିତ୍ସା ଜାରି ରହିଛି।

## ଗୁରୁତର ଛାତ୍ରଙ୍କୁ ସହାୟତାର ହାତ ବଢ଼ାଇଲା ଦର୍ଜି ସଂଘ

ମାଲକାନଗିରି,୩୦।୧୦ (ଡି.ଏନ୍.ଏ.)

ଦୀପାବଳି ଦିନ ସନ୍ଧ୍ୟାରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ମାଟି ହାଣ୍ଡି ତଳେ ବାଣ ରଖି ଫୁଟାଉଥିବା ବେଳେ ହାଣ୍ଡିଟି ଫାଟିଯାଇଥିଲା। ଫଳରେ ଛାତ୍ର ଜଣକ ଗୁରୁତର ଆହତ ହୋଇଥିଲେ। ମାଟି ହାଣ୍ଡିର ଖଣ୍ଡ ବିଖଣ୍ଡିତ ଅଂଶ ତାଙ୍କ ମୁହଁ, ବେକ ସହ ଶରୀରର ବିଭିନ୍ନ ସ୍ଥାନରେ ବାଜି କ୍ଷତ ସଅଷ୍ଟି କରିଛି। ତାଙ୍କୁ ପରିବାର ଲୋକେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେ ହେଲେ ତଳସାହି ବାସିନ୍ଦା ବାନ୍ଧବ ଭଦ୍ରାଙ୍କ ପୁଅ ବାଦଲ (୧୩)। ସେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ବାଦଲଙ୍କ ମା' ସୁକାନ୍ତି ଜଣେ ଦର୍ଜି ଭାବେ କାମ କରି ପରିବାର ଚଳାଉଛନ୍ତି। ରବିବାର ମାଲକାନଗିରି ଜିଲା ଦର୍ଜି ସଂଘର ସମ୍ପାଦକ ଏ. ବାଲାରାଜୁ, କୋଷାଧ୍ୟକ୍ଷ ବକ୍ସିଧର ସେଠୀ, ଗୁପ୍ତେଶ୍ୱର ମହାନ୍ତିଙ୍କ ସହ ୨୦ରୁ ଉର୍ଦ୍ଧ୍ୱ ଦର୍ଜୀ ଡାକ୍ତରଖାନାକୁ ଯାଇ ବାଦଲଙ୍କୁ ଦେଖିବା ସହ ୫ ହଜାର ଟଙ୍କା ଆର୍ଥିକ ସହାୟତା ଦେଇଛନ୍ତି। ଏହି ସମୟରେ ଉପସ୍ଥିତ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅନିଲ ମିଶ୍ର ଏବଂ ଡାକ୍ତରଖାନା ମ୍ୟାନେଜର ଶଶାଙ୍କ ଶେଖର ପଣ୍ଡିତରା ବାଦଲଙ୍କ ସମସ୍ତ ଚିକିତ୍ସା ସୁଚାରୁ ରୂପେ ଚାଲିଛି, ଡାକ୍ତରଖାନା ପକ୍ଷରୁ ସମସ୍ତ ଔଷଧ ତାଙ୍କୁ ପ୍ରଦାନ କରାଯାଉଛି। ସେ ଶୀଘ୍ର ସୁସ୍ଥ ହେବେ ବୋଲି ସୂଚନା ଦେଇଥିଲେ।

## ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

ଟିକିରି,୩୦।୧୦(ଡି.ଏନ୍.ଏ.)

କାଶୀପୁର ଠାରେ ଆଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ପାଦିକା ଗୌରୀ ପଣ୍ଡା ଏବଂ କୋଷାଧ୍ୟକ୍ଷ ବିଷ୍ଣୁପ୍ରିୟା ଧଳଙ୍କ ନେତୃତ୍ୱରେ ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ଦେଇଥିବା ବେଳେ ଜିଲା ସମ୍ପାଦକ ଗଣେଶ କୁମାର ସାହୁ, ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନର ଜିଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ, ଜିଲା ସମ୍ପାଦିକା ଉଷାରାଣୀ ଦାଶ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ବୈଠକରେ ଶ୍ରମିକ ଗୀତ ଗାନ କରି ପୂର୍ବତନ ଅଙ୍ଗନୱାଡ଼ି ୱାର୍କର୍ସ ମଞ୍ଜୁଳା ପଣ୍ଡା, ମମତା ବିଶି, ସୁବାସିନି ବାଗ, ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ରାଜ୍ୟ ସରକାର ଦୁଇ ଦୁଇ ଥର ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଗ୍ରୀଷ୍ମ କାଳୀନ ଛୁଟି ମିଳି ନ ଥିବା, ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀ ଘୋଷଣା, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ଅଙ୍ଗନୱାଡ଼ି କର୍ମୀ ଘୋଷଣା କରିବା ପର୍ଯ୍ୟନ୍ତ ମାସିକ ୨୧ ହଜାର ଟଙ୍କା ଦରମା ଦେବା, ଅବସରକାଳୀନ ଭତ୍ତା ଏବଂ ପେନସନ ଯୋଗାଇବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଦାବି ପୂରଣ ନ ହେଲେ ନଭେମ୍ବର ୨୧ରୁ ଭାରତୀୟ ମଜଦୁର ସଂଘ ନେତୃତ୍ୱରେ ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ରାଜରାସ୍ତାକୁ ଓହ୍ଲାଇବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ ବୋଲି ଚେତାବନି ଦିଆଯାଇଛି। ବୈଠକ ପରେ କାଶୀପୁର ବ୍ଲକର ନୂତନ କମିଟି ଚୟନ କରାଯାଇଥିଲା। ସଭାନେତ୍ରୀ ଭାବେ ବିଷ୍ଣୁପ୍ରିୟା ଧଳ, ଉପସଭାନେତ୍ରୀ ନୀରୁପମା ପାଣିଗ୍ରାହୀ, ସୌଦାମିନୀ ମହାପାତ୍ର, ଯାଜ୍ଞସିନି ମହାପାତ୍ର, ସମ୍ପାଦିକା ଗୌରୀ ପଣ୍ଡା, ସହ ସମ୍ପାଦିକା କୌଶଲ୍ୟା ମାଝି, ଚନ୍ଦ୍ରିକା ମାଝି, ତମାଳ ମାଝି, କୋଷାଧ୍ୟକ୍ଷ ଧରିତ୍ରୀ ରାଉଳ ଏବଂ ଅନ୍ୟ ପଦ ପାଇଁ ସଦସ୍ୟ ଚୟନ କରାଯାଇଛି।

## ଶିକ୍ଷୟିତ୍ରୀଙ୍କ ଘରେ ଚୋରି ମାମଲାରେ ଅଭିଯୁକ୍ତ ଗିରଫ

କୋଡିଙ୍ଗା,(ଡି.ଏନ୍.ଏ.) ନବରଙ୍ଗପୁର ଜିଲା କୋଡିଙ୍ଗା ପୋଲିସ ଜଣେ ଖେଳ ଶିକ୍ଷୟିତ୍ରୀଙ୍କ ଘରୁ ଚୋରି ମାମଲାରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କୋଣ୍ଡାପୁରୀ ଗ୍ରାମର ରାଜୁ ହରିଜନ(୨୭)। କୋଡିଙ୍ଗା କଲ୍ୟାଣ ବିଭାଗ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ସାଗରିକା ବାରିକଙ୍କ ଘରେ ଦଶହରା ଛୁଟି ବେଳେ ଅଭିଯୁକ୍ତ ଭେଣ୍ଟିଲେଟର ଭାଙ୍ଗି ଘରର ଆସବାବପତ୍ର, ମୋବାଇଲ, ସୁନା କାନଫୁଲ, ରୂପା ଅଳଙ୍କାର ଚୋରି କରି ନେଇଥିଲେ। ଏନେଇ ଶିକ୍ଷୟିତ୍ରୀ ୧୦ତାରିଖରେ କୋଡିଙ୍ଗା ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି କୋଡିଙ୍ଗା ପୋଲିସ ୧୬୪/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା ବୋଲି ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ପୋଲିସ ସହ ମିଳିମିଶି ଚଳିବାକୁ ପରାମର୍ଶ

ପାପଡାହାଣ୍ଡି /ମଇଦଲପୁର, ୨୯।୧୦ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନୂଆକୋଟରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗୋନାରେ ସହିଦ ହୋଇଥିବା ପ୍ରଶାନ୍ତ କୁମାର ପାତ୍ରଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ ସହ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପାପଡାହାଣ୍ଡି ଥାନାଧିକାରୀ ରାମେଶ୍ୱର ପ୍ରଧାନ ଓ ଏସ୍‌ଡିପିଓ ଆଦିତ୍ୟନାଥ ସେନ ଲୋକଙ୍କୁ ପୋଲିସ ସହିତ ମିଳି ମିଶି ରହିବା ଏବଂ ପୋଲିସକୁ ସାହାଯ୍ୟ କରିବାକୁ କହିଥିଲେ। ଯେ କୌଣସି ଅସୁବିଧା ହେଲେ ପୋଲିସକୁ ଜଣାଇବାକୁ କହିଥିଏ। ବାଲ୍ୟ ବିବାହ ରୋକିବା, ପୋକ୍‌ସୋ ଆଇନ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ନୂଆକଟ ବିଦ୍ୟାଳୟ ଛାତ୍ରୀଛାତ୍ର ଗୀତ, ନାଚ କରିଥିଲେ। ପୋଲିସ ପକ୍ଷରୁ ସେମାନଙ୍କୁ ପାଠ୍ୟଉପକରଣ ଓ ମିଠା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ସବଇନ୍ସପେକ୍ଟର ଶିବଜୀ ପଣ୍ଡା, ଏଏସ୍‌ଆଇ ଲାବନ୍ୟ ବେମାଲ, କାମାକ୍ଷ ବିଷୋୟୀ, ମଇଦଲପୁର ଫାଣ୍ଡି ଅଧିକାରୀ ଡି. ଦେବୀ କୁମାର, ସରପଞ୍ଚ ଲକି ମାଝି, ପିଏଲ୍‌ଭି ସଭ୍ୟ ରାଜକିଶୋର ରାଓ ଏବଂ ସମସ୍ତ ପୋଲିସ ଉପସ୍ଥିତ ଥିଲେ।

## ଡ୍ରାଇଭର ମହାସଂଘର ସମୂହ ଦୀପଦାନ

ଡାବୁଗାଁ, ୩୦।୧୦ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଥିବା ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବି ଶୀଘ୍ର ପୂରଣ କରାଯିବା ପାଇଁ ଡାବୁଗାଁ ମହାସଂଘ ପକ୍ଷରୁ ଡାବୁଗାଁର ଶ୍ରୀ ଜଗନ୍ନାଥ ମନ୍ଦିର, ଠାକୁରାଣୀ ମନ୍ଦିର, ଶିବ ମନ୍ଦିର ଓ ଡାବୁଗାଁର ଅନ୍ୟ ମନ୍ଦିର ସହିତ ଚର୍ଚ୍ଚ, ମସଜିଦ ଗୁଡିକରେ ମଧ ଡ୍ରାଇଭର ମାନେ ସମୂହ ଦୀପଦାନ କରିଛନ୍ତି। ଏଥିରେ ମହାସଂଘର ଡାବୁଗାଁ ବ୍ଲକ ସଭାପତି ସନ୍ତୋଷ ଭତ୍ରା, ଉପସଭାପତି ଦିଲ୍ଲୀପ ନାୟକ, ସମ୍ପାଦକ ଅମିରଅଲ୍ଲୀ ଖାନ, ସହ ସମ୍ପାଦକ ବିଶ୍ୱଜିତ ବୈଠାରୁ, କୋଷାଧକ୍ଷ ଉମାକାନ୍ତ ପାତ୍ର, ଡମ୍ବରୁ ନାୟକ, ମନ ଭତ୍ରା, ମିଟୁ ପଣ୍ଡା, ଗୋପାଳ ହରିଜନ, ଗଣେଶ ହରିଜନ, ପି. ଭୈରବ ରାଓ, ରାମଚନ୍ଦ୍ର ହରିଜନ, ଉତ୍ତମ ପ୍ରଧାନ ଙ୍କ ସମେତ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଡ୍ରାଇଭରମାନେ ଯୋଗ ଦେଇଥିଲେ।

## ବ୍ରାହ୍ମଣ ସମାଜ ବୈଠକ



ଡାବୁଗାଁ, ୩୦।୧୦(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଡାବୁଗାଁ ବ୍ରାହ୍ମଣ ସମାଜର ଏକ ବୈଠକ ସମାଜ ସଭାପତି ଧୀରେନ୍ଦ୍ର ତ୍ରିପାଠୀଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରାହ୍ମଣ ପରିବାରର କୌଣସି ମୃତକାର୍ଯ୍ୟ ହେଲେ ସମାଜର ସଭାପତିଙ୍କୁ ଦରଖାସ୍ତ ଦେବାକୁ ପଡିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ବୈଠକ ଡିସେମ୍ବର ୨୫ରେ ହେବା ନେଇ ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ ନୂତନ କମିଟି ଗଠନ କରାଯିବ। ରବିବାର ଅନୁଷ୍ଠିତ ବୈଠକରେ ସମ୍ପାଦକ ଶରତ ଚନ୍ଦ୍ର ଷଡ଼ଙ୍ଗୀ, କୋଷାଧକ୍ଷ ପ୍ରକାଶ ମହାପାତ୍ର, ଉପଦେଷ୍ଟା ଗୋଦାବରୀଶ ମହାପାତ୍ର, ସୁରେନ୍ଦ୍ର କୁମାର ମିଶ୍ର, କାଶୀନାଥ ତ୍ରିପାଠୀ, ଗୋବିନ୍ଦ ପଣ୍ଡା, ଅଜୟ ବଲ୍ଲଭ ପଣ୍ଡା, ପୁପୁନ ପଣ୍ଡା, ସରୋଜ ମିଶ୍ର, ରାଜେନ୍ଦ୍ର ମିଶ୍ର, ବୁଢା ମିଶ୍ର, ମନ୍ମଥ ପଣ୍ଡାଙ୍କ ସମେତ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ଉପସ୍ଥିତ ଥିଲେ।

# 'ମିତବ୍ୟୟୀ ହୋଇ ସଞ୍ଚୟ କରନ୍ତୁ, ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ'

ନବରଙ୍ଗପୁର,୩୦।୧୦(ବି.ପ୍ର.)



ନବରଙ୍ଗପୁର ଜିଲାପାଳ ସଞ୍ଚୟ ରଥର ଶୁଭାରମ୍ଭ କରୁଛନ୍ତି।

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଇଛି। 'ମିତବ୍ୟୟୀ ହୋଇ ସଞ୍ଚୟ କରନ୍ତୁ, ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ' ବାର୍ତ୍ତା ନେଇ ଜନସଚେତନତା ସୃଷ୍ଟି କରିବାକୁ ଏକ ସଞ୍ଚୟ ରଥର ଶୁଭାରମ୍ଭ ଜିଲାପାଳ ଡ. କମଳ ଲୋଚନ ମିଶ୍ର କହିଛନ୍ତି।

ଯେ କୌଣସି ସନ୍ଦିଗ୍ଧ, ଅଣବ୍ୟାଙ୍କିଂ, ବେସରକାରୀ, ଅର୍ଥ ଲଗାଣକାରୀ ସଂସ୍ଥାରୁ ଦୂରେଇ ରହି ଠକାମି ଓ ପଶ୍ଚାତାପରୁ ମୁକ୍ତ ରହି ଡାକଘର ଓ ରାଷ୍ଟ୍ରାୟତ ବ୍ୟାଙ୍କ ଭଳି ଆର୍‌ବିଆଇ ସ୍ୱୀକୃତପ୍ରାପ୍ତ ଅନୁଷ୍ଠାନରେ ସଞ୍ଚୟ କରନ୍ତୁ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି ସଞ୍ଚୟ ରଥ ଜିଲାର ସମସ୍ତ ବ୍ଲକ ପରିକ୍ରମା କରି ସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡେପୁଟି ଜିଲାପାଳ ଅନାମିକା ପାଣ୍ଡେ, ଜରୁରିକାଳୀନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ସେକ୍ସନ ଅଫିସର ଦୁର୍ଗାମାଧବ ପଣ୍ଡା, ରାମଚନ୍ଦ୍ର ରଘୁ ମଣ୍ଡଳ, ଜିଲା ରାଜସ୍ୱ ଅମଲା ସଂଘ ସଭାପତି ଆଶୁତୋଷ ମହାନ୍ତି, ସମ୍ପାଦକ ତ୍ରିଲୋଚନ ନାୟକ, ସଂଗ୍ରାମ ପ୍ରଧାନ, ସୁନୀଲ ଦାସ, ଅଜୟ ସାହୁ, ମୀରା ପଣ୍ଡା, ମଦନ ମୋହନ ଜାନି, ବରିଷ୍ଠ ନାଗରିକ ୟା ପ୍ରଭାକର ପାତ୍ର, ଗଣେଶ୍ୱର ଦାସ, ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କିଶୋର ପଟ୍ଟନାୟକ, ସାମଲ ସିଂ, ନରେଶ ରାଓଙ୍କ ସହିତ ଦୀନ୍‌ଦୟାଲ ଉପାଧ୍ୟାୟ କନ୍ୟାଶ୍ରମର ଛାତ୍ରୀମାନେ ଉପସ୍ଥିତ ଥିଲେ।

**ସଞ୍ଚୟ ରଥ ପରିକ୍ରମାର ଶୁଭାରମ୍ଭ**

# 'ଲୋକଙ୍କ ସୁଖଦୁଃଖରେ ସାମିଲ ହୁଅ'



ବିଜେଡି ଜନସମ୍ପର୍କ ପଦଯାତ୍ରାରେ ଏମ୍‌ପି, ଝରିଗାଁ ବିଧାୟକ ଓ ଅନ୍ୟମାନେ।

ଚନ୍ଦାହାଣ୍ଡି, ୩୦।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବିଜେଡି ପକ୍ଷରୁ ପୂଜାରୀଗୁଡାରେ ବ୍ଲକସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପୂଜାରୀଗୁଡା ଛେଚିଗୁଡ଼ିରୁ ଶିବ ମନ୍ଦିର ପର୍ଯ୍ୟନ୍ତ ପରୁଆର ସହ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଗୌରହରି ନାୟକ ସଭାପତିତ୍ୱ କରିଥିଲେ। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି, ଏମ୍‌ପିଙ୍କ ଜିଲା ପ୍ରତିନିଧି ତଥା ବିଜେଡି ସଂଯୋଜକ ପ୍ରମୋଦ ପାଢ଼ୀ, ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ, ଜୋନ୍-୨ ଜିଲା ପରିଷଦ କେତକୀମଲି ଗୌଡ଼, ଜୋନ ୧ ଜିଲା ପରିଷଦ ବର୍ଷାରାଣୀ ପଟେଲ, ଯୁବ ବିଜେଡି ସଭାପତି ତ୍ରିନାଥ ଦାଶ, ଛାତ୍ର ବିଜେଡି ସଭାପତି ଲିଙ୍ଗରାଜ ଚୌହାନ, ମହିଳା ବିଜେଡି ସଭାନେତ୍ରୀ ଦ୍ରୌପଦୀ ସୋରି, ରଷ୍ଟୁ ବାଗ, ପୁରୁଷୋତ୍ତମ ପାରି, କିଶୋର ଖମାରି, ମଧୁ ନାଗେଶ, ସନୀନ୍ଦ୍ର ସୋରି ପ୍ରମୁଖ ଉପସ୍ଥିତ ଥିଲେ। ଶିବମନ୍ଦିର ପ୍ରାଙ୍ଗଣରେ ଏକ ସଭା କରାଯାଇଥିଲା। ବିଜୁବାବୁଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପରେ ବୈଠକ ଆରମ୍ଭ ହୋଇଥିଲା। ପ୍ରଥମେ ଦଳର ବରିଷ୍ଠ ନେତା କାର୍ତ୍ତିକ ଚନ୍ଦ୍ର ବାଗଙ୍କ ଉଦ୍ଦେଶ୍ୟରେ ନୀରବବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ବକ୍ତାମାନେ ବିଜେଡିର ଜନହିତକର ଯୋଜନା ସମ୍ପର୍କରେ କହିବା ସହ ଲୋକଙ୍କ ସୁଖଦୁଃଖରେ ସାମିଲ ହେବାକୁ କହିଥିଲେ। ଦରଦାମ ବୃଦ୍ଧି କଥା କହି କେନ୍ଦ୍ର ସରକାରଙ୍କୁ ବିରୋଧ କରାଯାଇଛି। ଭୀଷ୍ମ ସୁନାନୀଙ୍କ ନେତୃତ୍ୱରେ ୧୦ ଜଣ, ଫଟକି ପଞ୍ଚାୟତରୁ ଶୋବନ କଟା ପ୍ରମୁଖଙ୍କ ସମେତ ଫଟକି ଗ୍ରାମରୁ ୨୦ ଜଣ, ଗୌରଝରିଆରୁ ୫ ଜଣ ଓ ରାଜକୋଟରୁ ୧୫ଜଣ ଏଭଳି ୫୦ରୁ ଉର୍ଦ୍ଧ୍ୱ ଭାଜପା, କଂଗ୍ରେସ ଓ ଅନ୍ୟ ଦଳର କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ୟୁନୁସ, ଭୁବନେଶ୍ୱର ବେଶ୍ରା, ଶ୍ୟାମସୁନ୍ଦର ସୁନାନୀ, ଭୁଜରାଜ ସୋରି, ମଞ୍ଜୁଲତା ନାୟକ,ମୁକ୍ତା ଜାଲଙ୍କ ସହ ବହୁଦଳୀୟ ନେତା, କର୍ମୀ ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ।

**ବ୍ଲକସ୍ତରୀୟ ବିଜେଡିର ଜନସମ୍ପର୍କ ପଦଯାତ୍ରା**

## ବିଇଓଙ୍କ କାର୍ଯ୍ୟରେ ଯୋଗଦାନ

ତେନ୍ତୁଲିଖୁଣ୍ଟି, ୩୦।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ବିଇଓ ଭାବେ ସମରେନ୍ଦ୍ର ଭୌମିକ ଯୋଗ ଦେଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଏବିଇଓ ମୋହନ ମଧୁସୂଦନ ବାଘ, ହେଲେରୀ ଇସାୱେଲ ସୁନା, ରମେଶ ଟାକ୍ରୀ, ଦିଲୀପ ପଣ୍ଡା, ସୁନନ୍ଦିନୀ ତ୍ରିପାଠୀ, କିରାଣି ଅରୁଣ କୁମାର ରଥଙ୍କ ସମେତ ଅନ୍ୟମାନେ ତାଙ୍କୁ ସ୍ୱାଗତ କରିଥିଲେ। ପୂର୍ବରୁ ପାପଡ଼ାହାଣ୍ଡି ବିଇଓ ବୀରେନ୍ଦ୍ର କୁମାର ପାଢ଼ୀ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ବିଇଓ ଭୌମିକ ଏହା ପୂର୍ବରୁ ଡାବୁଗାଁ ଏବିଇଓ ଭାବେ କାର୍ଯ୍ୟରତ ଥିଲେ। ତେନ୍ତୁଲିଖୁଣ୍ଟି ବ୍ଲକରେ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ



ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ କାର୍ଯ୍ୟ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବାଲି ସଇରାତ, ପଥର କ୍ୱାରି ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ

କୋଡ଼ିଙ୍ଗା,୩୦।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ତହସିଲ କାର୍ଯ୍ୟାଳୟରେ ଶୁକ୍ରବାର ୩ଟି ବାଲି ସଇରାତ ଓ ୨ଟି ପଥର କ୍ୱାରି ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଶାନ୍ତିଶୃଙ୍ଖଳାରେ ସରିଛି। ଟେଣ୍ଡର ପ୍ରକ୍ରିୟାରେ ୩୦ ହଜାର ଘନ ମିଟର ବାଲେଙ୍ଗା ବାଲି ସଇରାତକୁ ୧୩ ଜଣ, ଦୂରାଗାଁର ୫୦୦୦ ଘନ ମିଟର ବାଲି ସଇରାତ ପାଇଁ ୧୮ ଜଣ ଏବଂ ବନମାଳୀଗୁଡ଼ାର ୨୦୫୦ ଘନ ମିଟର ପାଇଁ ୨୦ ଜଣ ଆବେଦନ କରିଥିବା ବେଳେ ବାଲେଙ୍ଗା ବାଲି ସଇରାତକୁ ବିଶ୍ୱଜିତ ଖଟୁଆ, ଦୂରାଗାଁ ଏମ୍‌ଡି ଆସିଫ ପଟେଲ ଓ ବନମାଳୀଗୁଡ଼ା ବାଲି ସଇରାତ ଆଦର୍ଶ ଗୁପ୍ତାଙ୍କୁ ମିଳିଥିଲା। ସେହିପରି ତହସିଲର ସାନ ସିରିସିଆଗୁଡ଼ା ପଥରକ୍ୱାରିକୁ ୧୦ ଜଣ ଏବଂ ମୋତିଗାଁ ପଥରକ୍ୱାରି ପାଇଁ ୪ ଜଣ ଆବେଦନ କରିଥିବା ବେଳେ ଦୁଇଟି କ୍ୱାରି ଦିବାକର ବିଶୋଇଙ୍କୁ ମିଳିଥିଲା। ଟେଣ୍ଡର ପ୍ରକ୍ରିୟାକୁ କୋଡ଼ିଙ୍ଗା ତହସିଲଦାର ଟିକୁନା ପୁଟା, ଅତିରିକ୍ତ ତହସିଲଦାର ସବ୍ୟସାଚୀ ଜେନା ଏବଂ ତହସିଲ କର୍ମଚାରୀ ପରିଚାଳନା କରିଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ କୋଡ଼ିଙ୍ଗା ଥାନା ପୋଲିସ ମୁତୟନ ହୋଇଥିଲେ।

# ଧାନବିଲରୁ ଯୁବକଙ୍କ ଗଳିତ ମୃତଦେହ ଜବତ

ଝରିଗାଁ, ୩୦।୧୦(ସ୍ୱ.ପ୍ର.)

ଧାନ ବିଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଯୁବକଙ୍କ ପରିଚୟ ମିଳିନି। ଏପରି ଘଟଣା ଝରିଗାଁ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଝରିଗାଁ-ଡାବୁଗାଁ ମୁଖ୍ୟ ରାସ୍ତାର ପଲସଗାଁ ନିକଟରେ ରବିବାର ସକାଳ ପ୍ରାୟ ୧୦ଟା ସମୟରେ ମନ ଗୌଡ ନିଜ ଜମିକୁ ଧାନ କାଟିବାକୁ ଯାଇଥିଲେ। ସେଠାରେ ଦୁର୍ଗନ୍ଧ ହେଉଥିବାରୁ ସେ ଏଣେତେଣେ ଖୋଜିଥିଲେ। ଏହି ସମୟରେ ଧାନ ଜମିରେ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ପଡିଥିବା ଦେଖି ସେ ପଲସଗାଁ ଗ୍ରାମବାସୀ ସ ପୋଲିସକୁ ଖବର ଦେଇଥିଲେ। ଝରିଗାଁ ଥାନାଧିକାରୀ ତପନ କୁମାର ପତି ଏବଂ ଏଏସ୍‌ଆଇ ରାମ ଚନ୍ଦ୍ର ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ଏନେଇ ଝରିଗାଁ ଥାନା କେସ୍ ନଂ ୩୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଘଟଣାସ୍ଥଳେ ସାଇନ୍‌ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ମୃତଦେହ ଜବତ କରିଛି।

# ସ୍ଥାୟୀ ନିଯୁକ୍ତି ଦାବି



ନବରଙ୍ଗପୁର ଜିଲାପାଳଙ୍କ ସହ ଦାବି ଜଣାଇବାକୁ ଆସିଥିବା ପୌରସଂସ୍ଥାର ଅସ୍ଥାୟୀ କର୍ମଚାରୀମାନେ।

ନବରଙ୍ଗପୁର,୩୦।୧୦(ବି.ପ୍ର.)

ନବରଙ୍ଗପୁର ପୌରପାଳିକାର ଅସ୍ଥାୟୀ କର୍ମଚାରୀମାନେ ସ୍ଥାୟୀ ନିଯୁକ୍ତି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କମଳଲୋଚନ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୌରପାଳିକାର ବିଭିନ୍ନ ପଦବୀରେ ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଆସୁଥିଲେ ମଧ ସ୍ୱଳ୍ପ ବେତନ ମିଳୁଛି। ଫଳରେ ବହୁ କଷ୍ଟରେ ପରିବାର ପୋଷଣ କରିବାକୁ ପଡୁଛି। ୧୯୯୯ ମେ ୧୫ରେ ପୌରସଂସ୍ଥାର ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ କରାଯିବାକୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ୧୦ ବର୍ଷ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ସ୍ଥାୟୀ କରାଯିବ ବୋଲି ସେଥିରେ ଉଲ୍ଲେଖ ଥିଲା। ଏବେ ମଧ ଅସ୍ଥାୟୀ କର୍ମଚାରୀ ସ୍ୱଳ୍ପ ବେତନରେ କାମ କରୁଛନ୍ତି। ୧୯୯୩ ଏପ୍ରେଲ ୧୨ରୁ ବିଭିନ୍ନ ପୌରସଂସ୍ଥାରେ କାର୍ଯ୍ୟରତ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଦେବାଶିଷ ପ୍ରହରାଜ, ଶ୍ରୀକାନ୍ତ ଦାଶ, ରାଜେଶ ତ୍ରିପାଠୀ, ଜ୍ୟୋତି ପରିଛା, ଶ୍ରୀକାନ୍ତ ଷଡ଼ଙ୍ଗୀ, ଶଶାଙ୍କ ସାଗର ମହାପାତ୍ର, କୈଳାସ ରଥ, ଶିବ ମୁଦୁଲି, ଚନ୍ଦ୍ର ଧାକଡ଼, କମୁଲୁ ହରିଜନ, ଏ. ଗଙ୍ଗାରାଓ, ତ୍ରିନାଥ ମୁଦୁଲି, ଜାଗୁ ହରିଜନ, ଅଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଜିଲାପାଳଙ୍କୁ ପୌରସଂସ୍ଥା ଅସ୍ଥାୟୀ କର୍ମଚାରୀଙ୍କ ଦାବିପତ୍ର**

# ୪ ଘଣ୍ଟା ୱାର୍ଡର ବେଡ୍‌ରେ ପଡ଼ିରହିଲା ମୃତଦେହ

ନବରଙ୍ଗପୁର ୩୦।୧୦ (ବି.ପ୍ର.)

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ପରିଚାଳନାଗତ ତ୍ରୁଟି ଯୋଗୁ ମୃତଦେହକୁ ମିଳିଲାନି ସମ୍ମାନ। ମୃତ୍ୟୁର ୪ଘଣ୍ଟା ପରେ ମଧ ୨ ଯୁବକଙ୍କ ମୃତଦେହ ୱାର୍ଡରେ ବେଡ୍‌ରେ ପଡି ରହିଥିଲା। ଏହାକୁ ଦେଖି ଅନ୍ୟ ରୋଗୀମାନେ ହତୋତ୍ସାହିତ ହେବା ସହ ସେମାନଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୋଲିସ ଓ ହସ୍ପିଟାଲ ମ୍ୟାନେଜର ଆସି ମୃତଦେହ ନେବାର ବ୍ୟବସ୍ଥା କରାଇଥିଲେ।

ନବରଙ୍ଗପୁର ଜିଲା ରାଇଘର ବ୍ଲକ ମୁଣ୍ଡିବେଢ଼ା ଗ୍ରାମର ଗିକେଶ୍ୱର ମାଝି ଜ୍ୱରରେ ପୀଡ଼ିତ ହେବ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଷ ୱାର୍ଡରେ ୨୩ ନମ୍ବର ବେଡ୍‌ରେ ରହି ଚିକିତ୍ସିତ ହେଉଥିଲେ। ସେ ମସ୍ତିଷ୍କ ଜ୍ୱରରେ ପୀଡିତ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୫.୫୩ରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିଭଳି ନିମୋନିଆ ରୋଗରେ ଆକ୍ରାନ୍ତ ହୋଇ ୱାର୍ଡର ୧୨ନମ୍ବର ବେଡ଼ରେ ଚିକିତ୍ସିତ ହେଉଥିବା ଡାବୁଗାଁ ବ୍ଲକ ସିନିଗୁଡା ଗ୍ରାମର ବୁଡୁ ଭତ୍ରାଙ୍କର ଅପରାହ୍ନ ୪ଟାରେ ମୃତ୍ୟୁ ହୋଇଥିଲା। କିନ୍ତୁ ରାତି ୮ଟା ପର୍ଯ୍ୟନ୍ତ ମୃତଦେହ ଉଠାଯାଇ ନ ଥିଲା। ଷ୍ଟପ ନର୍ସମାନେ ମୃତଦେହକୁ ନେବାକୁ ହେଲ୍‌ପ ଡେସ୍କକୁ ଅବଗତ କରିଥିଲେ। ସେଠାରେ କେହି କର୍ମଚରୀ ନ ଥିବାରୁ ମୃତଦେହକୁ ୱାର୍ଡ ବାହାରକୁ ଅଣାଯାଇ ପାରି ନ ଥିଲା। ରୋଗୀ, ମୃତକଙ୍କ ସମ୍ପର୍କୀୟ ମଧ୍ୟରେ ଅସନ୍ତୋଷ ବଢ଼ିବାରୁ ଆଇନଜୀବୀ ପ୍ରଦୀପ କୁମାର ସାହୁ ପୋଲିସକୁ କହିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ସିଡିଏମ୍‌ଓ କାଳିପ୍ରସାଦ ବେହେରା ହସ୍ପିଟାଲ ମ୍ୟାନେଜରଙ୍କୁ ସେଠାକୁ ପଠାଇଥିଲେ। ପୋଲିସ ଓ ହସ୍ପିଟାଲ ମ୍ୟାନେଜର ପହଞ୍ଚିବା ପରେ ମୃତଦେହ ୱାର୍ଡରୁ ବାହାରକୁ ଅଣାଯାଇଥିଲା। ଏ ନେଇ ସିଡିଏମ୍‌ଓଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଜାଣିବାପରେ ଅଧିକାରୀଙ୍କୁ ପଠାଇ ମୃତଦେହ ୱାର୍ଡ ବାହାରକୁ ଅଣାଯାଇଛି। ଆଗକୁ ଏପରି ଘଟଣା ଯେପରି ନ ଘଟେ ସେ ଦିଗରେ ଧ୍ୟାନ ଦିଆଯିବ। ଏ ନେଇ ଏକ ସର୍କୁଲାର ମଧ ଜାରି କରାଯାଇଛି। ୱାର୍ଡରେ ରୋଗୀଙ୍କ ମୃତ୍ୟୁ ହେଲେ ଷ୍ଟାଫ୍‌ନର୍ସ, ହେଲ୍‌ପ ଡେସ୍କ ଓ ହସ୍ପିଟାଲ ମ୍ୟାନେଜରଙ୍କ କଣ ଦାୟିତ୍ୱ ସେ ନେଇ ସେଥିରେ ଉଲ୍ଲେଖ ରହିଛି ବୋଲି ସେ କହିଛନ୍ତି।

**ମୃତଦେହକୁ ମିଳିଲାନି ସମ୍ମାନ, ରୋଗୀ ସମ୍ପର୍କୀୟ ଅସନ୍ତୁଷ୍ଟ**

# ୬୦ ହିତାଧିକାରୀଙ୍କୁ ଜାଗା ମିଶନରେ ପଟ୍ଟା

ଉମରକୋଟ, ୩୦।୧୦(ସ୍ୱ.ପ୍ର.)



ଜଣେ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଉଛି।

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟରେ ଚତୁର୍ଥ କାଉନ୍‌ସିଲ୍ ବୈଠକ ପୌରାଧକ୍ଷା ରାଧା ଭତ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଉପାଧକ୍ଷ ସୁଧାଂଶୁ ଦାସ, ଉମରକୋଟ ବିଧାୟକଙ୍କ ପ୍ରତିନିଧି ଅଶୋକ ପାଢୀ, ନିର୍ବାହୀ ଅଧିକାରୀ ଋଷି ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୌର ପରିଷଦର ୬୦ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ବୈଠକରେ ଜଳଯୋଗଣ ଓ ରାସ୍ତାଘାଟ, ନାଳନର୍ଦ୍ଦମା ଠିକ୍ ଭାବେ ସଫା ହେଉ ନ ଥିବା ନେଇ ସମସ୍ତ କାଉନ୍‌ସିଲର ଉଦ୍‌ବେଗ ପ୍ରକାଶ କରିଥିଲେ। ରାସ୍ତାଘାଟ, ନାଳନର୍ଦ୍ଦମା ସଫେଇ ଦାୟିତ୍ୱ ନେଇଥିବା ବେସରକାରୀ ସଂସ୍ଥାର କାର୍ଯ୍ୟଧାରାକୁ ନାପସନ୍ଦ କରାଯାଇଛି। ଏଥିସହ ପୂର୍ବ ବୈଠକରେ ପାରିତ ସମସ୍ତ ଉନ୍ନୟନ କାର୍ଯ୍ୟଗୁଡ଼ିକ ଶୀଘ୍ର ସମାପ୍ତ କରିବା ପାଇଁ କାଉନ୍‌ସିଲରମାନେ ଦାବି କରିଥିଲେ। ଏହି ବୈଠକରେ ସାମାଜିକ କର୍ମୀ ମନୋଜ ଧଳ, କାଉନ୍‌ସିଲର ତପନ ଦେବନାଥଙ୍କ ସହ ସମସ୍ତ କାଉନସିଲର ନିଜ ନିଜ ମତ ପ୍ରକାଶ କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପରିଷଦର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

**ଉମରକୋଟ ପୌର ପରିଷଦର ଚତୁର୍ଥ ବୈଠକ**

# ସ୍କୁଲ ଛାତ୍ରୀଛାତ୍ର କରିବେ ଚଳଚ୍ଚିତ୍ର ନିର୍ମାଣ

ରାୟଗଡ଼ା ଅଫିସ,୩୦।୧୦

ୟୁନିସେଫ ଓ ଆଇନାର ମିଳିତ ଆନୁକୂଲ୍ୟରେ ପିତାମହଲ ଆଶ୍ରମ ବିଦ୍ୟାଳୟ ଠାରେ ୭ ଦିନିଆ କଲ୍ଲୋଳ ଶିଶୁ ଚଳଚ୍ଚିତ୍ର ନିର୍ମାଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦ୍ୱିତୀ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନି ସମାରୋହରେ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ଯୋଗଦେଇ ଶିଶୁଙ୍କ ପାଇଁ ଏହି ବୟସରେ ଚଳଚ୍ଚିତ୍ର ନିର୍ମାଣ କରିବାର କଳା ହାସଲ କରିବା ବାସ୍ତବିକ ଏକ ଅପୂର୍ବ ସୁଯୋଗ। ଏଥିପାଇଁ ୟୁନିସେଫ, ଆଇନା ଓ ଆୟୋଜକ ପ୍ରଧାନ ଶିକ୍ଷକଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ।

ଆଇନା ଅନୁଷ୍ଠାନର ମୁଖ୍ୟ ସ୍ନେହା ମିଶ୍ର ଚଳଚ୍ଚିତ୍ର ନିର୍ମାଣର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ। ୨୦୧୪ ରୁ ବିଭିନ୍ନ ବିଷୟକୁ ନେଇ ପିଲାଙ୍କ ଭିତରେ ବଡ଼ ବଡ଼ ଘଟଣା ଓ ପରିବର୍ତ୍ତନକୁ ନେଇ ସଚେତନ କରାଇବା ଉଦ୍ଦେଶ୍ୟରେ ଆଇନା ପ୍ରତି ବର୍ଷ ଏଭଳି ପ୍ରସ୍ତୁତି କରୁଥିବା ସେ କହିଛନ୍ତି। ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ତାଲିମଦାତା ସ୍ନେହାଶିଷ ମହାପାତ୍ର କହିଥିଲେ, ପିଲାଙ୍କ ଚାରିପଟେ ଘଟୁଥିବା ପରିବର୍ତ୍ତନ ବିଷୟରେ ନିଜର ମତକୁ ସୃଜନାତ୍ମକ ଢଙ୍ଗରେ ସମସ୍ତଙ୍କୁ ଜଣାଇବା ଲାଗି ପିଲାଙ୍କ ମଧ୍ୟରେ ପ୍ରେରଣା ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ୭ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ତାଲିମ ଶିବିରରେ ଚଳିତ ବର୍ଷ ଜଳବାୟୁ ପରିବର୍ତ୍ତନ ବିଷୟରେ ବିଦ୍ୟାଳୟ ପିଲାମାନେ ଆଲୋଚନା କରିବା ସହ ଚଳଚ୍ଚିତ୍ରର କାହାଣୀ , ସଂଳାପ ଓ ନିର୍ଦ୍ଦେଶନା ଦେବେ। ଆଇନା ଏହି ଚଳଚ୍ଚିତ୍ର ନିର୍ମାଣ କରିବ। ନିର୍ମାଣ ଚଳଚ୍ଚିତ୍ର ସବୁ ଆଗାମୀ ଦିନରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ କଲ୍ଲୋଳ ରାଜ୍ୟ ଶିଶୁ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବ। ୟୁନିସେଫ ଓ ଆଇନା ପକ୍ଷରୁ ଏଭଳି ସୁଯୋଗ ପିଲାଙ୍କୁ ପ୍ରଦାନ କରିଥିବାରୁ ପ୍ରଧାନ ଶିକ୍ଷକ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହାଦ୍ୱାରା ପିଲାଙ୍କ ସୃଜନଶୀଳତାର ପରିପ୍ରକାଶ ଘଟିବ ବୋଲି ମତବ୍ୟକ୍ତ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆଇନା ପକ୍ଷରୁ ଦିବ୍ୟ ଜୀବନ ମହାପାତ୍ର, ବସନ୍ତ ପଟ୍ଟନାୟକ ଓ ମୋନାଲିସା ମିଶ୍ର ପ୍ରମୁଖ ତାଲିମଦାତା ଭାବେ ଯୋଗ ଦେଇଛନ୍ତି।

**କଲ୍ଲୋଳ ଶିଶୁ ଚଳଚ୍ଚିତ୍ର ନିର୍ମାଣ କର୍ମଶାଳା**



କର୍ମଶାଳାରେ ଜିଲା ମଙ୍ଗଳ ଅଧିକାରୀ, ପ୍ରଧାନ ଶିକ୍ଷକ ଓ ଅନ୍ୟମାନେ ।

## ଜିତୁ ଆରସିଏମ୍‌ଏସ୍ ନିର୍ଦ୍ଦେଶକ ନିର୍ବାଚିତ

ଉମରକୋଟ, ୩୦।୧୦(ସ୍ୱ.ପ୍ର.)

ଉମରକୋଟ ଆର୍‌ସିଏମ୍‌ଏସ୍‌ର ନିର୍ଦ୍ଦେଶକ ଭାବରେ ବିଜେଡି ସମର୍ଥିତ ପ୍ରାର୍ଥୀ ଜିତୁ ଜେନା ବିଜୟୀ ହେଇଛନ୍ତି। ଉମରକୋଟ ଆର୍‌ସିଏମ୍‌ଏସ୍ ସଂସ୍ଥାରେ ମୋଟ ୧୫ଟି ନିର୍ଦ୍ଦେଶକ ପଦବୀ ରହିଛି। ଗତ ୮ ତାରିଖରେ ନିର୍ଦ୍ଦେଶକ ପଦବୀ ପାଇଁ ପ୍ରାର୍ଥୀ ପତ୍ର ଦାଖଲର ଦିନ ଥିଲା। ଯେଉଁଥିରେ କି ୧୪ ଜଣ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେଇଥିଲେ। ରବିବାର ଗୋଟିଏ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଜିତୁଙ୍କ ବିରୋଧରେ ଡାବୁଗାଁର କେଶବ ରେଲି ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଜିତୁଙ୍କୁ ୪ ଓ କେଶବଙ୍କୁ ୧ ଟି ଭୋଟ ମିଳିଛି। ସଭାପତି ପଦବୀ ନିମନ୍ତେ ୧୫ ତାରିଖରେ ନିର୍ବାଚନ ହେବ। ଜିତୁ ଡାବୁଗାଁ ଲାମ୍ପସ ପକ୍ଷରୁ ପ୍ରାର୍ଥୀ ଥିଲେ। ଜିତୁ ଜିତିବା ପରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମୋନହୋର ରନ୍ଧାରୀ, ଜିଲା ବିଜେଡି ସଂଯୋଜକ ପ୍ରମୋଦ ପାଢୀ, ଉମରକୋଟ ପୌର ଉପାଧକ୍ଷ ସୁଧାଂଶୁ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଜିଲାଭିତ୍ତିକ ଚୟନ ପ୍ରକ୍ରିୟା ମାଧ୍ୟମରେ ନିଯୁକ୍ତି ଦାବି

ରାଇଘର,୩୦।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଦିନିକିଆ ଗସ୍ତରେ ଆସିଥିବା ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ରାଇଘର ଛାତ୍ର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଭିତ୍ତିକ ଚୟନ ପକ୍ରିୟାରେ ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି। ଏହି ସମୟରେ ଏମ୍‌ପି ରମେଶ ମାଝି ମଧ ଉପସ୍ଥିତ ଥିଲେ।

ପୂର୍ବରୁ ନବରଙ୍ଗପୁରରେ ଜିଲା ଭିତ୍ତିକ ଚୟନ ପକ୍ରିୟାରେ ନିଯୁକ୍ତି ମିଳୁଥିଲା। ଏବେ ଜିଲାରେ ଅନ୍ୟ ଜିଲାର ଯୁବତୀ ଯୁବକଙ୍କୁ ମଧ ନିଯୁକ୍ତି ମିଳୁଛି। ଫଳରେ ଜିଲାର ୩୦ ହଜାରରୁ ଉର୍ଦ୍ଧ୍ୱ ଉଚ୍ଚ ଶିକ୍ଷିତ ଯୁବତୀ ଯୁବକ ବେକାର ଅଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦିନକୁ ଦିନ ବେରୋଜଗାର ବଢୁଛି ବୋଲି ଛାତ୍ର ସଂଘ ଅଭିଯୋଗ କରିଛି। ଜିଲାର ସମସ୍ତ ଶିକ୍ଷିତ ଯୁବତୀ ଯୁବକଙ୍କୁ ଗ୍ରୁପ୍-ବି, ଗ୍ରୁପ୍-ସି, ଗ୍ରୁପ୍- ଡି ସରକାରୀ ନିଯୁକ୍ତି କ୍ଷେତ୍ରରେ ଚାକିରୀ ଦେବାକୁ ଛାତ୍ର ସଂଘ ଦାବି କରିଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ସହ ରାସ୍ତା ଘାଟ ଅବରୋଧ କରିବାକୁ ବାଧ୍ୟ ହେବୁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହ ଆଗାମୀ ଦିନରେ ଜିଲା ଭିତ୍ତିକ ନିଯୁକ୍ତି ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଛାତ୍ର ସଂଘ ସଦସ୍ୟ ଅଭିମନ୍ୟୁ ହରିଜନ, ଗୋପାଳ ଚନ୍ଦ୍ର ହରିଜନ, ବିଜୟ ଗଣ୍ଡ, ନକୁଲ ଗଣ୍ଡ, ମାଖନ ସୁନା, ମମତା ନାୟକ, ମଧୁ ବାଘ, ଚନ୍ଦନ ଗଣ୍ଡ, କୁନ୍ତି ଗଣ୍ଡ ପ୍ରମୁଖ କହିଛନ୍ତି।



ମନ୍ତ୍ରୀ ଜଗନ୍ନାଥ ସାରକା ଦାବିପତ୍ର ଗ୍ରହଣ କରୁଛନ୍ତି।

ଧରିତ୍ରୀ
DHARITRI
ସୋମବାର, ୩୧ ଅକ୍ଟୋବର, ୨୦୨୨

**ଜୟପୁରରେ ସଚେତନତା ଶୋଭାଯାତ୍ରା**

ଜୟପୁର, (ନି.ପ୍ର.)-ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ଜୟପୁରରେ ଏକ ସଚେତନତା ଶୋଭାଯାତ୍ରା ରବିବାର ସହର ପରିକ୍ରମା କରିଥିଲା। ରଜାନହରଠାରୁ ଏହି ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଭିଜିଲାନ୍ସ ଅଫିସଠାରେ ପହଞ୍ଚିଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାକୁ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରାରେ ଭୁପତିସାହିର ଫ୍ରେଣ୍ଡସ କ୍ଲବ ସଦସ୍ୟ ଓ ଷ୍ଟେଟ ବ୍ୟାଙ୍କ କର୍ମଚାରୀମାନେ ସାମିଲ ହୋଇଥିଲେ।



# ସ୍ୱାସ୍ଥ୍ୟ ବିଭାଗ ଠିକା କର୍ମଚାରୀଙ୍କୁ ନିୟମିତ କରିବାକୁ ଦାବି

ଜୟପୁର, ୩୦।୧୦ (ନି.ପ୍ର.)


ବୈଠକରେ ଉପସ୍ଥିତ ମହାସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ସ୍ୱାସ୍ଥ୍ୟ ବିଭାଗରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ୮ ହଜାର ୫ ଶହ ଠିକା କର୍ମଚାରୀଙ୍କୁ ନିୟମିତ କରାଯିବାକୁ ଠିକା କର୍ମଚାରୀ ମିଳିତ ମହାସଂଘ ଦାବି କରିଛି। ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ମହାସଂଘର ବୈଠକରେ କର୍ମକର୍ତ୍ତାମାନେ ଏହି ଦାବି କରିଛନ୍ତି। ବୈଠକରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ରାୟଗଡା ଜିଲାର ଠିକା କର୍ମଚାରୀମାନେ ଉପସ୍ଥିତ ଥିଲେ। ସରକାରଙ୍କ ନିକଟରେ ଏନେଇ ଦାବି ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ସରକାର ୫୭ ହଜାର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ କରିବା ଲାଗି ଘୋଷଣା କଲେ ମାତ୍ର ସ୍ୱାସ୍ଥ୍ୟ ସେବା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ଚୁକ୍ତିଭିତ୍ତିକ ଠିକା କର୍ମଚାରୀଙ୍କୁ ଭୁଲିଗଲେ । ଏହି ବିଭାଗରେ ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ଧରି ଏନ୍‌ଏଚ୍‌ଏମରେ ନିଯୁକ୍ତି ପାଇଥିବା ୨୪ ଜଣ ଡାକ୍ତର, ୧୮୦ ଷ୍ଟାଫ ନର୍ସ, ଏନ୍‌ଏଚ୍‌ଏମ ମ୍ୟାନେଜମେଣ୍ଟ କର୍ମଚାରୀ ୪ ହଜାର ୭ ଶହ, ଫର୍ମାସିଷ୍ଟ ୪୧୦, ଏଏନଏମ ୪୧୬, ଡ୍ରାଇଭର ୪୨, ଲାବୋରୋଟାରି ଟେକନସିଆନ ୧୨୮, ୩୫୯ ଆଇଡି କାଉନସିଲର, ୧୫୦ ଜଣ ଦନ୍ତ ଚିକିତ୍ସକ, ଫିଜିଓଥେରାପି, ଅଡିଓଲୋଜିଷ୍ଟ ଭଳି ବହୁ କର୍ମଚାରୀଙ୍କୁ ଉପେକ୍ଷା କରାଯାଇଥିବା ସଂଘ ଅଭିଯୋଗ କରିଛି। ଅନ୍ୟ ବିଭାଗ କର୍ମଚାରୀଙ୍କ ଭଳି ସ୍ୱାସ୍ଥ୍ୟ ବିଭାଗର ଠିକା କର୍ମଚାରୀଙ୍କୁ ମଧ୍ୟ ନିୟମତ କରାଯାଉ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହା ନ ହେଲେ ନଭେମ୍ବର ୧୬ରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସଂଘର ରାକେଶ ବେଉରା, ଚିନ୍ମୟ ପଟ୍ଟନାୟକ କହିଛନ୍ତି।

**ସରକାର ନ ଶୁଣିଲେ ଆନ୍ଦୋଳନ**
- ସ୍ୱାସ୍ଥ୍ୟସେବା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର କର୍ମଚାରୀଙ୍କୁ ଭୁଲିଗଲେ
- ଉପସ୍ଥିତ ଥିଲେ ୭ ଜିଲାର ଠିକା କର୍ମଚାରୀ
- ବିଭିନ୍ନ ବିଭାଗର କର୍ମଚାରୀଙ୍କୁ କରାଯାଇଛି ଉପେକ୍ଷା

## ଜୟପୁର ବନଖଣ୍ଡ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବୈଠକ

ଜୟପୁର,୩୦।୧୦ (ନି.ପ୍ର.)

ଜୟପୁର ବନଖଣ୍ଡ ଅଧୀନରେ କାର୍ଯ୍ୟ କରୁଥିବା ପାରା ସ୍କ୍ୱାର୍ଡ, ଆଣ୍ଟି ଡିପ୍ରେସନ ସ୍କ୍ୱାର୍ଡ, ବନ୍ୟଜନ୍ତୁ ସୁରକ୍ଷା ସ୍କ୍ୱାର୍ଡର ୧୨୦ ଜଣ କର୍ମଚାରୀ ରବିବାର ଗୁପ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକରେ ଏକାଠି ହୋଇଥିଲେ। ସେମାନେ ଦୀର୍ଘ ଦିନରୁ ସମ୍ମୁଖୀନ କରୁଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ନିଜ ସମସ୍ୟା ଜଣାଇଥିଲେ। ବୈଠକରେ ଜୟପୁର ବନାଞ୍ଚଳରୁ ବାସୁଦେବ ଠାକୁର, ଯୋଗିନାଥ ଖେମୁଣ୍ଡୁ, ଗୁପ୍ତେଶ୍ୱର ବନାଞ୍ଚଳରୁ ରାମଚନ୍ଦ୍ର ଦଳପତି, ଲକ୍ଷ୍ମଣ ପ୍ରଧାନୀ, ବୋରିଗୁମ୍ମା ବନାଞ୍ଚଳରୁ କେଶବ ନାୟକ, କୋଟପାଡ଼ ବନାଞ୍ଚଳରୁ କୁମୁଦ ରଣା, ବୈପାରିଗୁଡା ବନାଞ୍ଚଳରୁ ଡମ୍ବରୁଧର ମାଝି, କୁନ୍ଦୁରା ବନାଞ୍ଚଳରୁ ହରି ମଲ୍ଲିକଙ୍କ ସମେତ ବନବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଅସ୍ଥାୟୀ କର୍ମଚାରୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ବନଖଣ୍ଡ କର୍ମଚାରୀମାନେ।

## ସଂକ୍ଷେପରେ

### ମୂର୍ଚ୍ଛା ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ମୃତ୍ୟୁ

ଦଶମନ୍ତପୁର,୩୦।୧୦ (ଡି.ଏନ.ଏ.)- ନୀଳଗିରି ଗଛ କାଟିବା ସମୟରେ ଜଣେ ବ୍ୟକ୍ତି ମୂର୍ଚ୍ଛା ରୋଗର ଶିକାର ହୋଇଛନ୍ତି। ପରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଜୟସନ ଜାନି (୪୫)। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତ ସଦର ମହକୁମାର ଆଦିବାସୀ ସାହିରେ। ଖବରରୁ ଜଣାପଡ଼ିଛି, ଶନିବାର ଗ୍ରାମର କେତେକ ଶ୍ରମିକଙ୍କ ସହିତ ଜୟସନ ବଦଲିକୁଡୁମା ଗ୍ରାମ ନିକଟରେ ଥିବା ନୀଳଗିରି ବଣକୁ ସାହୁକାରଙ୍କ ଗଛ କାଟିବାକୁ ଯାଇଥିଲେ। ଗଛ କାଟୁଥିବା ବେଳେ ହଠାତ୍ ସେ ମୂର୍ଚ୍ଛା ହୋଇଯାଇଥିଲେ। ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ଜୟସନଙ୍କ ସହ ଯାଇଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ଜଙ୍ଗଲ ଭିତରୁ ରାସ୍ତା ପାର୍ଶ୍ୱକୁ ଆଣିଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ଦଶମନ୍ତପୁର ପୋଲିସର ଏମାନଙ୍କ ଉପରେ ନଜର ପଡିଥିଲା। ସାଥୀ ଶ୍ରମିକମାନଙ୍କୁ ପଚରାଉଚରା କରି ପୋଲିସ ଘଟଣା ସମ୍ପର୍କରେ ଜାଣିବା ପରେ ତାଙ୍କୁ ନିଜ ଗାଡିରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ। ମାତ୍ର ଜୟସନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଥିବା ଏଏସଆଇ ଦୀପିକା ହୀରା କହିଛନ୍ତି। ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି ଘଟଣାର ତଦନ୍ତ କରୁଛନ୍ତି।

### ଗୋପୀ ପାଙ୍ଗି ୮ ନଂ. ଜୋନ ନିର୍ଦ୍ଦେଶକ ନିର୍ବାଚିତ

ମାଲକାନଗିରି,୩୦।୧୦ (ଡି.ଏନ୍.ଏ.) - ମାଲକାନଗିରି ଜିଲା ୮ ନଂ. ଜୋନର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଭାବେ ଅନୁଷ୍ଠିତ ନିର୍ବାଚନରେ ରବିବାର ଗୋପୀ ପାଙ୍ଗି ନିର୍ବାଚିତ ହୋଇଛନ୍ତି। ଜିଲା ସଦର ମହକୁମା ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୮ ନଂ ଜୋନ ପରିସରରେ ଥିବା କୋରୁକୋଣ୍ଡା, କୁଡୁମୁଲୁଗୁମ୍ମା, ମୁଦୁଲିପଡା, ଗୋବିନ୍ଦପାଥି ଓ ମାଥିଲି ଆଦି



ସ୍ଥାନଗୁଡିକ ପାଇଁ ଏହି ନିର୍ବାଚନ ହୋଇଥିଲା। ନିର୍ବାଚନରେ ନିର୍ଦ୍ଦେଶକ ଭାବେ ବିଜୁ ଜନତା ଦଳର ସମର୍ଥକ ଗୋପୀ ଓ ସ୍ଥାନୀୟ ଅଞ୍ଚଳର ହଲଧର କୋପେଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ମୋଟ ୬୦ ଭୋଟରୁ ୪୬ଟି ମତଦାନ ହୋଇଥିଲା। ସେଥିରୁ ଗୋପୀ ୩୯ ଭୋଟ ପାଇଥିବା ବେଳେ ହଲଧର ୭ଟି ଭୋଟ ପାଇଥିଲେ। ଫଳରେ ଗୋପୀ ନିର୍ଦ୍ଦେଶକ ରୂପେ ନିର୍ବାଚିତ ହୋଇଥିଲେ। ତାଙ୍କର ଏହି ସଫଳତା ଲାଗି ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ମାନସ ମାଡକାମି, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, କୋରାପୁଟ ସମବାୟ ଲ୍ୟାମ୍ପ ନିର୍ଦ୍ଦେଶକ ଉଦୟ ମାଡ଼ି, ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ସାନି ଶୁଭେଚ୍ଛା ଜଣାଇଛନ୍ତି।

### ପୋଡ଼ି ହୋଇ ବୃଦ୍ଧା ଗୁରୁତର

ଦଶମନ୍ତପୁର, ୩୦।୧୦ (ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ପେଡ଼ିଶିଲ ଗ୍ରାମରେ ଜଣେ ବୃଦ୍ଧା ରବିବାର ନିଆଁରେ ପୋଡ଼ି ଗୁରୁତର ହୋଇଥିବା ଜଣାପଡିଛି। ସେ ହେଲେ ଦୁର୍ବଳ ମୁଦୁଲିଙ୍କ ସ୍ତ୍ରୀ ଦୁଃଖୀ ମୁଦୁଲି (୬୦) । ଦୁର୍ବଳଙ୍କ କହିବାନୁସାରେ ଆଜି ଭୋର ସମୟରେ ସେ ହଳ କରିବା ପାଇଁ ଜମିକୁ ଯାଇଥିଲେ। ପ୍ରବଳ ଶୀତ ଯୋଗୁ ଦୁଃଖୀ ଘରେ ନିଆଁ ଲଗାଇ ବସିଥିଲେ। କିଛି ସମୟ ନିଆଁ ପାଖରେ ବସିଥିବା ବେଳେ ହଠାତ ମୂର୍ଚ୍ଛା ରୋଗ ଯୋଗୁ ସେ ନିଆଁରେ ପଡ଼ି ଯାଇଥିଲେ। ଚେତା ଆସିବା ପରେ ଦୁଃଖୀ ଘୋସାରି ହୋଇ ଘରୁ ବାହାରକୁ ଆସି ଚିତ୍କାର କରିଥିଲେ। ସେହି ସମୟରେ ଗ୍ରାମର ଘେନୁଆ ମୁଦୁଲି ଗ୍ରାମବାସୀଙ୍କ ସହଯୋଗରେ ଦୁଃଖୀଙ୍କୁ ଉଦ୍ଧାର କରି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ବୋଲି ଦୁର୍ବଳ କହିଛନ୍ତି।

### ହତ୍ୟା ଘଟଣାର ଅଭିଯୁକ୍ତ ଗିରଫ



ମାଲକାନଗିରି,୩୦।୧୦ (ଡି.ଏନ୍.ଏ.) - ଏମ୍.ଭି.- ୯ ଗ୍ରାମରେ ଗତ ୨୬ ତାରିଖରେ ଜଣେ ବୃଦ୍ଧାଙ୍କୁ ହତ୍ୟା କରି ନିକଟସ୍ଥ ଜମିରେ କେତେକ ଦୁର୍ବୃତ୍ତ ଫିଙ୍ଗି ଦେଇଥିଲେ। ଏହି ଘଟଣାର ଅଭିଯୁକ୍ତଙ୍କୁ ମାଲକାନଗିରି ପୋଲିସ ଗିରଫ କରିଛି। ସେ ହେଲେ ହରିପଦ ସରକାର। ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ସୂଚନା ଅନୁସାରେ ଏମ୍.ଭି.-୯ ଗ୍ରାମର ହରିପଦଙ୍କ ସେହି ଗ୍ରାମର ବୃଦ୍ଧା ହୀରା ଗୋସ୍ୱାମୀଙ୍କ ମଧ୍ୟରେ ଜମି ବିବାଦକୁ ନେଇ ଶତ୍ରୁତା ଲାଗି ରହିଥିଲା। ହୀରାଙ୍କୁ ରାସ୍ତାରୁ ହଟାଇବା ପାଇଁ ହରିପଦ ଯୋଜନା କରି ତାଙ୍କୁ ହତ୍ୟା କରିଥିବା ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କ ନିକଟରୁ ହୀରାଙ୍କ ଠାକୁର ଘରୁ ଚୋରି କରିଥିବା ସମସ୍ତ ସାମଗ୍ରୀ ପୋଲିସ ଜବତ କରିଛି। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି।

# ତମାଖୁମୁକ୍ତ କୋରାପୁଟ ଗଠନ ନେଇ ସଚେତନତା



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବ୍ରହ୍ମାକୁମାରୀ ଆଶ୍ରମର ସଦସ୍ୟମାନେ।

କୋରାପୁଟ,୩୦।୧୦(ସ୍ୱ.ପ୍ର.)

କୋରାପୁଟ ବ୍ରହ୍ମାକୁମାରୀ ଆଶ୍ରମ ପକ୍ଷରୁ ଚିନ୍ତାମୁକ୍ତ ମୋ କୋରାପୁଟ ଓ ତମାଖୁମୁକ୍ତ ମୋ କୋରାପୁଟ ଗଠନ ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟରେ ଦୁଇଦିନିଆ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ପୁଜାରିପୁଟସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ, ମହାଦେଈପୁଟସ୍ଥିତ ସିଦ୍ଧାର୍ଥ ମହାବିଦ୍ୟାଳୟ, କୋରାପୁଟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ, ସେଣ୍ଟସ ସ୍କୁଲ, କୋରାପୁଟସ୍ଥିତ ଏସଓଜି ଯବାନ, ଓଏସ୍‌ଏପି ତୃତୀୟ ବାଟାଲିୟନ ଆଦି ବିଭିନ୍ନ ସ୍ଥାନରେ ଲୋକଙ୍କୁ ଚିନ୍ତାମୁକ୍ତ ରହିବା ସହ ତମାଖୁ ସେବନରୁ ନିଜକୁ ଦୂରେଇ ରଖିବାକୁ ରାଉରକେଲାରୁ ଆସିଥିବା ବ୍ରହ୍ମାକୁମାର ରାଜୀବ ଭାଇ ପରାମର୍ଶ ଦେଇଥିଲେ। କୋରାପୁଟ ଏସଓଜି କାର୍ଯ୍ୟାଳୟକୁ ଯାଇ କମାଣ୍ଡର ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ଉପସ୍ଥିତିରେ ୩୫୦ ଜଣ ଯବାନମାନଙ୍କୁ ସଚେତନ କରିଥିଲେ । ସେହିପରି ବ୍ରହ୍ମାକୁମାରୀ ଆଶ୍ରମ ପକ୍ଷରୁ କୋରାପୁଟ ଓଏମ୍‌ପି ମଣ୍ଡପଠାରେ ଓଏସ୍‌ଏପି ତୃତୀୟ ବାଟାଲିୟନ କମାଣ୍ଡର ରାଜେନ୍ଦ୍ର ପ୍ରସାଦ ବେହେରାଙ୍କ ସହ ଉପସ୍ଥିତ ଯବାନମାନଙ୍କୁ ବିଭିନ୍ନ ଧ୍ୟାନ ଉପରେ ସଚେତନ କରି କୋରାପୁଟକୁ ତମାଖୁମୁକ୍ତ ସହର ରୂପେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ କୋରାପୁଟ ଆଶ୍ରମର ମୁଖ୍ୟ ବ୍ରହ୍ମାକୁମାରୀ ବିକେ ସ୍ୱର୍ଣ୍ଣ ଭଉଣୀଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିଲା। ବିକେ ରମା ଭଉଣୀ, ବିକେ ରିଙ୍କି ଭଉଣୀ, ବିକେ ଅରୁଣ, ବିକେ ସୂର୍ଯ୍ୟ ନାରାୟଣ, ରାୟଗଡାରୁ ବିକେ ଶ୍ରୀମତୀ, ବିକେ ଉଷାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଛତିଶଗଡ଼ ପର୍ଯ୍ୟଟକ ଦମ୍ପତିଙ୍କୁ ଲୁଟିଲେ ଲୁଟେରା

ବୈପାରିଗୁଡା,୩୦।୧୦ (ଡି.ଏନ୍.ଏ.)

ଛତିଶଗଡ଼ ରାଜ୍ୟରୁ ଓଡିଶାକୁ ବୁଲି ଆସିଥିବା ଏକ ନବବିବାହିତ ଦମ୍ପତି ଲୁଟେରାଙ୍କ ଲୁଟ୍‌ର ଶିକାର ହୋଇଛନ୍ତି। ସେମାନଙ୍କଠାରୁ ଲୁଟେରାମାନେ ବାଇକ୍ ଲୁଟି ନେଇଛନ୍ତି। ତେବେ ଏହି ଘଟଣାର ୪ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନୀରବ ରହିଛି। ଖବରରୁ ଜଣାପଡିଛି, ଛତିଶଗଡର କୋଣ୍ଡାଗାଁ ଜିଲାର ମହେନ୍ଦ୍ର କୁମାର ମହନ୍ତ ଏବଂ ତାଙ୍କ ସ୍ତ୍ରୀ କିରଣ ବାଇକ୍(ସିଜି ୨୭ ଏମ୍‌୬୬୮୬)ରେ ଗତ ଗୁରୁବାର କୋରାପୁଟ ଜିଲାର ଗୁପ୍ତେଶ୍ୱର ପୀଠକୁ ଦର୍ଶନ କରିବାକୁ ଆସିଥିଲେ। ସେମାନେ ଦର୍ଶନ କରିବା ପରେ ଲମତାପୁଟ ରାସ୍ତା ଦେଇ ଆନ୍ଧ୍ରର ଆରକୁରେ ବାହାରିଥିଲେ। ତେବେ ସେମାନେ ଜୟପୁର-ଲମତାପୁଟ ରାସ୍ତାରେ ଯିବାବେଳେ ବୈପାରିଗୁଡା ଥାନା ଅଧୀନ ପେଟାଘାଟିଠାରେ ଦୁର୍ବୃତ୍ତଙ୍କ ଲୁଟ୍‌ର ଶିକାର ହୋଇଥିଲେ। ଦୁର୍ବୃତ୍ତମାନେ ସେମାନଙ୍କୁ ଅଟକାଇ ସେମାନଙ୍କ ବାଇକ୍ ଛଡାଇ ନେଇଥିଲେ। ଏଥିସହ ସେମାନଙ୍କ ଫୋନ୍ ନମ୍ବର ଲେଖି ରଖିଥିଲେ। ପରେ ବାଇକ୍ ବଦଳରେ ୪୦ ହଜାର ଟଙ୍କା ଫୋନ୍ ପେ ଜରିଆରେ ଦେଲେ ବାଇକ୍ ଫେରି ପାଇବ ନ ହେଲେ ନାହିଁ ବୋଲି କହିଥିଲେ। ସେମାନଙ୍କ ଏପରି ଅବସ୍ଥାରେ ଉକ୍ତ ଅଞ୍ଚଳର ଜଣେ ସହୃଦୟ ବ୍ୟକ୍ତି ସେମାନଙ୍କୁ ସହାୟତା କରିବା ସହ ବୈପାରିଗୁଡା ଆଣିଥିଲେ। ଶୁକ୍ରବାର ସେମାନେ ବୈପାରିଗୁଡା ଥାନାରେ ଏତଲା ଦେଇଥିଲେ। ନ୍ୟାୟ ପାଇବା ଆଶାରେ ଏହି ଦମ୍ପତି ଏଠାରେ ୨ ଦିନ ରହିବା ପରେ ନିରାଶରେ ଛତିଶଗଡ଼ ଫେରି ଯାଇଥିଲେ। ତେବେ ଏ ସଂକ୍ରାନ୍ତରେ ବୈପାରିଗୁଡା ଥାନା ଅଧିକାରୀ ଅଶ୍ୱିନ ପଟ୍ଟନାୟକଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଜାରି ରହିଥିବା କହିଥିଲେ।

## ନୂତନ ପେନସନଭୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବୈଠକ

ଖଇରପୁଟ,୩୦।୧୦(ଡି.ଏନ.ଏ.)- ମାଲକାନଗିରି ଜିଲା ଖଇରପୁଟ ବ୍ଲକର ଅମଲିପୁଟ ପ୍ରାଥମିକ ବିଦ୍ୟାଳୟଠାରେ ରବିବାର ବ୍ଲକର ନୂତନ ପେନସନଭୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେଇଥିଲଶ। ଏଥିରେ ବ୍ଲକର ୨୦୦୧ରୁ ୨୦୨୨ ମଧ୍ୟରେ ଯେତେ ଶିକ୍ଷୟିତ୍ରୀ ଶିକ୍ଷକ ଚାକିରି ପାଇଛନ୍ତି ସମସ୍ତେ ଯୋଗ ଦେଇଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଂଘ ସଭାପତି ରୂପେ ପ୍ରଦୀପ ପଟ୍ଟନାୟକ, ଉପସଭାପତି ଗୁରୁ ପାଙ୍ଗି ଏବଂ ବୈଶାଳିନି ରଥ, ସମ୍ପାଦକ ସନ୍ତୋଷ ପଣ୍ଡା,ସହ ସମ୍ପାଦକ ରମେଶ ମନ୍ଦ୍ରା ଏବଂ କୋଷାଧକ୍ଷ ଭାବେ କେ. କ୍ରିଷ୍ଣା ରାଓ ମନୋନୀତ ହେଇଥିଲେ। ଉପଦେଷ୍ଟା ଭାବେ ମନୋଜ ନାୟକ,ଚିତ୍ତ ରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ରଥ, ଗୋଲକ ବିହାରୀ ସାହୁ, ସଞ୍ଜୟ ସେଠୀ ଚୟନ ହୋଇଛନ୍ତି। ଆଗାମୀ ଦିନରେ ସଂଘ ତାର ୪ଟି ଦାବି ଜେଟି ଓ ଜେଟିସିଙ୍କୁ ସ୍ଥାୟୀ ନିଯୁକ୍ତି, ୬ ବର୍ଷ ଚାକିରି କାଳକୁ ମୂଳ ଚାକିରି ସହ ଗଣନା କରିବା, ଏନପିଏସ୍ ଉଚ୍ଛେଦ କରି ଓପିଏସ୍ ଲାଗୁ କରିବା, ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକତଙ୍କୁ ୨୮୦୦ ଗ୍ରେଡ୍ ପେ ପ୍ରଦାନ କରିବା ଦାବି ନେଇ କାର୍ଯ୍ୟ କରିବବୋଲି ସଭାପତି ପଟ୍ଟନାୟକ ପ୍ରକାଶ କରିଥିଲେ। ଏକ୍ସ କ୍ୟାଡର ଉଚ୍ଛେଦ ନେଇ ବ୍ଲକ ଏବଂ ଜିଲା ସ୍ତରରେ ଆନ୍ଦୋଳନ କରାଯିବ ବୋଲି ସେ ସୂଚନା ଦେଇଥିଲେ।


ବୈଠକରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଞ୍ଚୟ ଜରୁରୀ: ଅତିରିକ୍ତ ଜିଲାପାଳ

ମାଲକାନଗିରି,୩୦।୧୦ (ଡି.ଏନ୍.ଏ.)

ବେଳେବେଳେ ମଣିଷକୁ ସଙ୍କଟଜନକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥାଏ। ଏଥିରୁ ମୁକୁଳିବା ଲାଗି ଅର୍ଥର ଆବଶ୍ୟକତା ପଡେ। ସଙ୍କଟରେ ପଡିଥିବା ବ୍ୟକ୍ତି ଜଣକ ନିକଟରେ ଅର୍ଥ ନ ଥିଲେ ସେ ମାନସିକ ଭାରସାମ୍ୟ ହରାଇଥାନ୍ତି। ଅନ୍ୟକୁ ସାହାଯ୍ୟ ପାଇଁ ଅନୁରୋଧ କରିଥାନ୍ତି। ଏପରି କ୍ଷେତ୍ରରେ ଭବିଷ୍ୟତ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଲାଗି ନିଜ ଆୟର କିଛି ଅର୍ଥ ସଞ୍ଚୟ କରିବା ନିହାତି ଆବଶ୍ୟକ ବୋଲି ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ


ସଞ୍ଚୟ ରଥକୁ ଅତିରିକ୍ତ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ଏକ ସଚେତନତା ରଥକୁ ନାୟକ ଉଦ୍‌ଘାଟନ କରିଥିଲେ। ସହକାରୀ ଜିଲାପାଳ ସ୍ମିତା ଚୌଧୁରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏହି ରଥ ଜିଲାର ସମସ୍ତ ବ୍ଲକ, ପଞ୍ଚାୟତ ଓ ଗ୍ରାମାଞ୍ଚଳ ପରିକ୍ରମା କରି ଅର୍ଥ ସଞ୍ଚୟର ଆବଶ୍ୟକତା ନେଇ ଜନସାଧାରଣଙ୍କୁ ସଚେତନ କରିବ।

## ପର୍ବପର୍ବାଣି, ଭାଷା ସୁରକ୍ଷା ଉପରେ ଗୁରୁତ୍ୱ

ମାଥିଲି,୩୦।୧୦ (ଡି.ଏନ.ଏ.)

**ହିନ୍ଦୁ ଜାଗୃତିସେନାର ସମ୍ମିଳନୀ**

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ମହକୁମାସ୍ଥିତ ହନୁମାନ ମନ୍ଦିର ପରିସରରେ ରବିବାର ହିନ୍ଦୁ ଜାଗୃତିସେନାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସେନାର ବ୍ଲକ ଆବାହକ କୁନାଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ବହୁ ଜନସାଧାରଣ ଯୋଗ ଦେଇଥିଲେ। ହିନ୍ଦୁତ୍ୱ କିପରି ସୁରକ୍ଷିତ ରଖିବା ଏବଂ ଆମ ପରମ୍ପରା କିପରି ବଜାୟ ରହିବ ସେନେଇ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ଆମ ପର୍ବପର୍ବାଣୀ ପାଳନରେ ଆଗ୍ରହ ପ୍ରକାଶ କରିବା ଏବଂ ନୂତନ ବର୍ଷ, ଜନ୍ମ ଦିନ କିମ୍ବା ବିବାହ ବାର୍ଷିକୀରେ ଶୁଭେଚ୍ଛା ବାର୍ତ୍ତା ଓଡ଼ିଆ ଭାଷାରେ ଲେଖି ଜଣାଇବା, ଆଜିର ଯୁବପିଢ଼ିଙ୍କୁ ନିଜ ଭାଷା ଓ ପରମ୍ପରା ନେଇ ସଚେତନ କରିବା ଲାଗି ଆଲୋଚନା ହୋଇଥିଲା। ହିନ୍ଦୁ ଜାଗୃତି ସେନା ପକ୍ଷରୁ ମାଥିଲି ବ୍ଲକରେ ଥିବା ୨୦ଟି ପଞ୍ଚାୟତ ମଧ୍ୟରୁ ପ୍ରତି ପଞ୍ଚାୟତରେ ୨ଜଣଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ପ୍ରତି ଗ୍ରାମ ବୁଲି ଆମ ପରମ୍ପରା ସହିତ ପର୍ବପର୍ବାଣୀ, ଭାଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବେ। ସମ୍ମିଳନୀରେ ବ୍ଲକ ମୁଖ୍ୟ ନାଗଭୂଷଣ ପଟ୍ଟନାୟକ, ଦିଲ୍ଲୀପ ସାହୁ, ଭଗବାନ ବେହେରା, ଏନ. ମହେଶ୍ୱର ରାଓ, ବାବୁଲି ମହାପାତ୍ର, ରାବଣା ଆୟାର, ମୁକୁନ୍ଦ ଚାଲାଣ, ଗୁପ୍ତ ଦୁରୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ସେନା ସଦସ୍ୟମାନେ।

# ୧୪ଟିରେ ବିଜେଡି ସମର୍ଥିତ ପ୍ରାର୍ଥୀ, ଗୋଟିଏରେ କଂଗ୍ରେସ ବିଜୟୀ

ଜୟପୁର,୩୦।୧୦ (ନି.ପ୍ର.)

ଜୟପୁରରେ ରବିବାର କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଅବିଭକ୍ତ କୋରପୁଟ ଜିଲାର ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲାରେ ଏହି ନିର୍ବାଚନ ହୋଇଛି। କୋରାପୁଟ କେନ୍ଦ୍ରୀୟ ସମବାୟ ନିର୍ବାଚନରେ ୧୫ଟି ନିର୍ଦ୍ଦେଶକ ପଦ ମଧ୍ୟରୁ ୫ଟିରେ ନିର୍ଦ୍ୱନ୍ଦ୍ୱରେ ପ୍ରାର୍ଥୀ ନିର୍ବାଚିତ ହୋଇଥିବାବେଳେ ଆଉ ୧୦ଟି ପଦରେ ନିର୍ବାଚନ ହୋଇଥିଲା। କୋରାପୁଟ ଜିଲାର ୭ଟି ନିର୍ଦ୍ଦେଶକ ପଦ ପାଇଁ ଜୟପୁରସ୍ଥିତ


ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ ବିଜୟୀ ପ୍ରାର୍ଥୀମାନେ।

ସରକାରୀ ଉଚ୍ଚ ବିଦ୍ୟାଳୟରେ ମତଦାନ ସକାଳ ୭ଟାରୁ କରାଯାଇଥିଲା। ଏହା ଅପରାହ୍ନ ୪ଟାରେ ଶେଷ ହୋଇଥିଲା। ତେବେ ସମସ୍ତ ୧୦ଟିଯାକ ନିର୍ଦ୍ଦେଶକ ପଦବୀରେ ମତଦାନ ପରେ ଭୋଟ ଗଣତି ହୋଇଥିଲା। ଫଳାଫଳ ଅନୁଯାୟୀ ୧୫ଟି ନିର୍ଦ୍ଦେଶକ ପଦରୁ ପୂର୍ବରୁ ୫ଟିରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ଭାବେ ବିଜୟୀ ହୋଇଥିଲେ। ବଳକା ୧୦ଟି ନିର୍ଦ୍ଦେଶକ ପଦରୁ ୯ଟିରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଗୋଟିଏ କଂଗ୍ରେସ ପ୍ରାର୍ଥୀ ୬ନଂ. ଜୋନରୁ ବିଜୟୀ ହୋଇଥିବା ଜଣାପଡଛି। ତେବେ ୧୫ଟି ନିର୍ଦ୍ଦେଶକ ପଦରୁ ୧୪ ଜୋନରେ ବିଜେଡି ସମର୍ଥିତ ପ୍ରାର୍ଥୀ ଜିତିଥିବା ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, ୧୦ ନିର୍ଦ୍ଦେଶକ ପଦବୀ ପାଇଁ ୪ଟି ମତଦାନ କେନ୍ଦ୍ରରେ ମୋଟ ୭୨୮ ଜଣ ସମବାୟ ସମିତି ସଦସ୍ୟ ମତଦାନ କରିଥିଲେ। ଶାନ୍ତି ଶୃଙ୍ଖଳାର ସହ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥଲା ବୋଲି ନିର୍ବାଚନ ଅଧିକାରୀ ତଥା ଜୟପୁର ଉପଜିଲାପାଳ ବେଦବର ପ୍ରଧାନ କହିଛନ୍ତି।

## ଜଡ଼ିତଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ଭାଜପାର ଧାରଣା

କୋରାପୁଟ, ୩୦।୧୦(ସ୍ୱ.ପ୍ର.)

**ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା, ଅର୍ଚ୍ଚନା ନାଗ କେଲେଙ୍କାରୀ**

ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଏବଂ ଅର୍ଚ୍ଚନା ନାଗ କେଲେଙ୍କାରୀରେ ସଂପୃକ୍ତ ନେତାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଦାବିରେ ଜିଲା ଭାଜପା ପକ୍ଷରୁ ଶନିବାର କର୍ମକର୍ତ୍ତାମାନେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ଧାରଣାରେ ଜିଲା ଭାଜପା ସାଧାରଣ ସମ୍ପାଦକ ଦେବେନ୍ଦ୍ର ମହାନ୍ତି, ଚନ୍ଦ୍ରଶେଖର ରଥ, ଉପସଭାପତି ସରୋଜ ମିଶ୍ର, ପୂର୍ଣ୍ଣିମା ନାୟକ, କୋରାପୁଟ ମଣ୍ଡଳ ସଭାପତି ସିଦ୍ଧାର୍ଥ ମୁଦୁଲି, ଜି. ସଞ୍ଜୀବ ରାଓ, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଭାଗୀରଥି ପାଟନିଆ, ଚୈତନ୍ୟ ହନ୍ତାଳଙ୍କ ସମେତ ଅନ୍ୟମାନେ ଧାରଣାରେ ସାମିଲ ହୋଇଥିଲେ।


ଧାରଣାରେ ବସିଥିବା ଭାଜପା କର୍ମକର୍ତ୍ତା।

# ନାଗରିକଙ୍କୁ ଆଇନ ସହାୟତା ଯୋଗାଇବା ନେଇ ଗୁରୁତ୍ୱ

ମାଲକାନଗିରି,୩୦।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସିଭିଲ କୋର୍ଟ ପରିସର ସମ୍ମିଳନୀ କକ୍ଷରେ ରବିବାର ଆଇନସେବା ପ୍ରାଧିକରଣ ପକ୍ଷରୁ ସିନିୟର ଡିଭିଜନ ସିଭିଲ ଜଜ୍ ରାକେଶ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନାଗରିକମାନଙ୍କୁ ଆଇନ ସହାୟତା ଯୋଗାଇଦେବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଆଇନଜୀବୀ, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଜିଲାର ୭ଟି ବ୍ଲକରେ ବସବାସ କରୁଥିବା ନାଗରିକମାନେ କିପରି ଆଇନ ସହାୟତା ପାଇପାରିବେ, ସେମାନଙ୍କର ବିଭିନ୍ନ ସମସ୍ୟା, ଆଇନସେବାର ପୃଷ୍ଠଭୂମି, ନିଃଶୁଳ୍କ ଆଇନସେବା କଣ, କେଉଁ ବର୍ଗର ବ୍ୟକ୍ତି ଆଇନସେବା ପାଇଁ ଯୋଗ୍ୟ, ସବୁ ପ୍ରକାର ମକଦ୍ଦମା ପାଇଁ ଆଇନସେବା ମିଳିପାରିବ କି ନାହିଁ, ଲୋକ ଅଦାଲତ କଣ, ସ୍ଥାୟୀ ଲୋକ ଅଦାଲତ କଣ, ନିଜ ଅଧିକାର ହାସଲ ନେଇ ମକଦ୍ଦମା ଦାଏର କରିବା ସମ୍ପର୍କରେ ରହିଥିବା ଆଇନ ଉପରେ ଆଲୋଚନା ହୋଇଥିଲା। ଆଇନ ସହାୟତା କିପରି ପ୍ରତି ପଞ୍ଚାୟତରେ ଲୋକମାନଙ୍କୁ ମିଳିପାରିବ ଏବଂ ଏନେଇ ଲୋକେ ସଚେତନ ହୋଇପାରିବେ ସେ ଦିଗ ପ୍ରତି ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏଥିସହ ଜେଲରେ ରହିଥିବା ଅନ୍ତେବାସୀ କେତେ ଦିନ ହେଲା ଜେଲରେ ଅଛନ୍ତି, କେଉଁ ମାମଲାରେ ଜଡିତ ହୋଇଛନ୍ତି ଏବଂ ସେ ଜାମିନ ପାଇବାରେ ବିଳମ୍ବର କାରଣ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିଲାଗି ୫ଟି କମିଟି ଗଠନ କରାଯାଇଛି। ପ୍ରତି କମିଟିରେ ଜଣେ ବିଚାର ବିଭାଗୀୟ ଅଧିକାରୀ, ବିଡିଓ, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ରହିଛନ୍ତି। ଆସନ୍ତା ୩୧ରୁ ନଭେମ୍ବର ୧୩ ପର୍ଯ୍ୟନ୍ତ ଏହି କମିଟିଗୁଡିକ ବିଭିନ୍ନ ବ୍ଲକ ଓ ପଞ୍ଚାୟତ ଗସ୍ତ କରି ତଥ୍ୟ ସଂଗ୍ରହ କରିବେ ।


ଆଇନସେବା ପ୍ରାଧିକରଣ ପକ୍ଷରୁ ବସିଥିବା ବୈଠକ।

